୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

Vol.27. No.206 Bhubaneswar Tuesday September 30, 2025 | ୨୭ତମ ବର୍ଷ ସଂଖ୍ୟା-୨୦୬ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୩୦, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹1.50 | (Air Surcharge - 0.50P) | Member-INS

## ବିଜେପି ସରକାରରେ ଖର୍ଚ୍ଚ ହୋଇପାରୁନି ବିଭିନ୍ନ ବିଭାଗର ବଜେଟ ଅର୍ଥ

ଭୁବନେଶ୍ୱର,୨୯।୯(ପି.ଏନ): ବିଜେପି ସରକାରରେ ଖର୍ଚ୍ଚ ହୋଇପାରୁନି ବିଭିନ୍ନ ବିଭାଗର ବଜେଟ ଅର୍ଥ। ଯୋଜନା ଓ ସଂଯୋଜନା, ବିପର୍ଯ୍ୟୟ ପରିଚାଳନା ବିଭାଗର ୨ ପ୍ରତିଶତ ବି ଅର୍ଥ ଖର୍ଚ୍ଚ କରିପାରିନ୍ତି । ଯାହାକୁ ନେଇ ଦୁଇ ବିରୋଧୀ ସରକାରଙ୍କୁ ସମାଲେଚ଼ନା କରିଛନ୍ତି । ସରକାର ଠିକ ସେ ଚାଲୁନଥିବାରୁ ଅର୍ଥର ଅଭାବ ନଥିବା ବେଳେ ବି ବିଭାଗଗୁଡିକ ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହେଉନାହାନ୍ତି । ମୁଖ୍ୟମନ୍ତ୍ରୀ ବାରମ୍ବାର ସମୀକ୍ଷା କରୁଛନ୍ତି, ଆଗକୁ ବିଭାଗ ଗୁଡିକ ଖର୍ଚ୍ଚ ଠିକ ହେବ ବୋଲି ବିଜେପି ବିଧାୟକ ଅଗସ୍ତି ବେହେରା କହିଛନ୍ତି ।



ବଜେଟ ଅର୍ଥକୁ ଖର୍ଚ୍ଚ କରୁନି ବିଭାଗ । ବାରମ୍ବାର ସମୀକ୍ଷା ପରେ ବି ଫଳଶୂନ । ଅପାରଗ ସରକାର କହି ଘେରିଲେ ବିରୋଧୀ । ବିଜେପି କହିଲା, ବଜେଟ ଅର୍ଥ ଖର୍ଚ୍ଚ କରିବାକୁ ଦେଉଛୁ ଗୁରୁତ୍ୱ । ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨ଲକ୍ଷ ୯୦ ହଜାର କୋଟି ଟଙ୍କା ବଜେଟକୁ ସବୁ ବିଭାଗକୁ ଆବଣ୍ଟନ କଲେ । ହେଲେ ବଜେଟ ଅର୍ଥକୁ ଖର୍ଚ୍ଚ କରିବାରେ ସକ୍ଷମ ହେଉନାହାନ୍ତି ରାଜ୍ୟ ସରକାର । ବହୁ ବିଭାଗ ବଜେଟ ଅର୍ଥର ୨୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିପାରିନଥିବା ବେଳେ କିଛି ବିଭାଗ ତତ୍ପରତା ଦେଖାଇ ମାତ୍ର ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି । କିଛି ବିଭାଗ ମାତ୍ର ୨ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିପାରିଛନ୍ତି ।ବିଜେପି ସରକାର ବଜେଟ ପରେ ବଜେଟ ଆଣୁଥିଲେ ମଧ୍ୟ ଟଙ୍କା ଖର୍ଚ୍ଚ କରିପାରୁନାହାନ୍ତି ବୋଲି ଅଭିଯୋଗ କରିଛି ବିଜେଡି । ଯୋଜନା ଓ ସଂଯୋଜନା ପରିଚାଳନାରେ ବଜେଟ ଖର୍ଚ୍ଚ ୨ ୨ ପ୍ରତିଶତ କରିଥିବା ବେଳେ ପଂଚାୟତ ରାଜ ଓ ପାନୀୟ ଜଳ ବିଭାଗ ମାତ୍ର ୧୨.୩୬ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଛି । ବିଜେଡି ନେତା ପ୍ରଶାନ୍ତ ମୁଦୁଲି ଅଭିଯୋଗ କରିଛନ୍ତି, ରାଜ୍ୟରେ ବିଜେପି ସରକାର ଆସିବା ପରେ କାମ ସବୁ ଠପ ହୋଇଯାଇଛି । ବଜେଟ ଅର୍ଥ ଖର୍ଚ୍ଚ ନହେବା ତାହାର ଜଳନ୍ତ ଉଦାହରଣ । ବରିଷ୍ଠ କଂଗ୍ରେସ ନେତା ଅମର ପ୍ରଧାନ ଅଭିଯୋଗ କରିଛନ୍ତି ସରକାର ଠିକ ସେ ଚାଲୁନଥିବାରୁ ବଜେଟ ଅର୍ଥ ଖର୍ଚ୍ଚ ହୋଇପାରୁନାହିଁ । ଫଳରେ ଗାଁ ଗାଁରେ ବିକାଶ କାମ ଠପ ହୋଇଯାଇଛି ।

ବଡ ବଜେଟ ଆଣି ବିଭାଗ ଗୁଡିକ ପାଇଁ ପର୍ଯ୍ୟାପ୍ତ ଅର୍ଥ ଦେଉଛନ୍ତି ରାଜ୍ୟ ସରକାର । କିନ୍ତୁ ସରକାର ଖର୍ଚ୍ଚ ନକରିପାରିବାର ଯୁକ୍ତିକୁ ଖଣ୍ଡନ କରିଛନ୍ତି ଶାସକ ଦଳ ବିଧାୟକ । ରାଜ୍ୟର ବିକାଶକୁ ଆଗେଇ ନେବାକୁ ସରକାର ଗୁରୁତ୍ୱ ଦେଉଛନ୍ତି । ମୁଖ୍ୟମନ୍ତ୍ରୀ ବଜେଟ ଅର୍ଥ ଖର୍ଚ୍ଚ ଉପରେ ସବୁବେଳେ ଗୁରୁତ୍ୱ ଦେଉଛନ୍ତି । ବର୍ଷ ଶେଷ ବେଳକୁ ବିଭାଗ ଗୁଡିକ ବଜେଟ ଅର୍ଥ ସଠିକ ଭାବେ କରିବେ ବୋଲି ଶାସକ ଦଳ ଯୁକ୍ତି ବାଢିଛି । ବିଜେପି ସରକାର ଆସିବା ପରେ ରାଜ୍ୟର ବିକାଶ ମୂଳକ କାର୍ଯ୍ୟ ଠପ ହୋଇଥିବା ଅଭିଯୋଗ ହୋଇଆସୁଛି । ଏବେ ଖୋଦ ବିଭାଗ ଗୁଡିକର ବଜେଟ ଅର୍ଥ ଖର୍ଚ୍ଚ ନହେବା ପରେ ଏ କଥା ସ୍ପଷ୍ଟ ହେଉଥିବା ଚର୍ଚ୍ଚ ହେଉଛି।

## ରାଜ୍ୟରେ ଜବତ ହେଲାଣି ୮ କୋଟିର ବେଆଇନ ବାରୁଦ: ୧୪ ଦିନରେ ୧୮୪ ମାମଲା, ୧୩୩ ଗିରଫ

ଭୁବନେଶ୍ୱର,୨୯।୯(ପି.ଏନ): ବେଆଇନ ବିସ୍ଫୋରକ ସାମଗ୍ରୀ ପାଇଁ ସାଧାରଣ ଲୋକଙ୍କ ଧନଜୀବନ ବାଜିରେ ଲାଗୁଛି। ବେଆଇନ ଭାବେ ବିସ୍ଫୋରକ ବିକ୍ରି, ଗଚ୍ଛିତ ଓ ଚାଲାଣ କରୁଥିବା ବ୍ୟବସାୟୀଙ୍କୁ ବାନ୍ଧି ଜେଲ୍ ପଠାଇବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଯାଏଁ ରାଜ୍ୟରେ ୮ କୋଟି ୨୪ ଲକ୍ଷ ୬୦ ହଜାର ୭୦୦ ଟଙ୍କାର ବେଆଇନ ବିସ୍ଫ ?ରକ ସାମଗ୍ରୀ ଜବତ ହେବା ଘଟଣା ଉଦ୍‌ବେଗର କାରଣ ହୋଇଛି। ଏ ନେଇ ୧୮୪ଟି ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୧୩୩ ଜଣଙ୍କୁ ଗିରଫ କରାଯାଇଛି ଓ ୪୫ ଜଣଙ୍କୁ ନୋଟିସ୍ ଦିଆଯାଇଛି। ପୁଲିସ ଡିଜି ବାଇ.ବି. ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପୀ 'ଅଗ୍ନି' ନାମରେ ଏକ ସ୍ୱତନ୍ତ୍ର ଅଭିଯାନ ଗଲା ୧୪ରୁ ୨୭ ତାରିଖ ଯାଏଁ ଚାଲିଥିଲା। ଏହି ଅଭିଯାନରେ ରାଜ୍ୟରେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ଏକାଠି କରିବା, ଚାଲାଣ କରିବା ଏବଂ ବିକ୍ରି କରିବାକୁ ନଜରରେ ରଖାଯାଇଥିଲା। ଏବେ ପାର୍ବଣ ଋତୁ ଚାଲିଥିବା ବେଳେ ଅକ୍ଟୋବରରେ ଦୀପାବଳି ଉତ୍ସବ ଆୟୋଜିତ ହେବାକୁ ଯାଉଛି। ଏହି ଚଢ଼ଉରେ ଅନୁଗୁଳ ଜିଲ୍ଲାରେ ୧୭ଟି ବେଆଇନ ବିସ୍ଫୋରକ ସାମଗ୍ରୀ କାରବାର ଜନିତ ମାମଲା ରୁଜୁ ହୋଇଥିବା ବେଳେ ୫ ହଜାର ୭୩୦ କେଜି ବିସ୍ଫୋରକ, ଗୋଟିଏ ଗାଡ଼ି ଜବତ ହୋଇଛି। ଜବତ ବିସ୍ଫୋରକ ସାମଗ୍ରୀର ମୂଲ୍ୟ ହେଉଛି ୧ କୋଟି ୫୦ ଲକ୍ଷ ଟଙ୍କା। ଏଥିରେ ୧୩ ଜଣ ଅଭିଯୁକ୍ତ ଧରାପଡ଼ିଛନ୍ତି। ସେହିଭଳି କେନ୍ଦୁଝର ଜିଲ୍ଲାରେ ୨୧ଟି ମାମଲା ରୁଜୁ ହୋଇଥିବା ବେଳେ ୧୨ ଶହ ୧୮ କେଜି ବିସ୍ଫୋରକ ଜବତ, ୧ ହଜାର ୭୯ କେଜି ବିଭିନ୍ନ ପ୍ରକାର ବାଣ, ଗନ୍ ପାଉଡର, ୫ କେଜି ଗନ୍ଧକ, ୨ କେଜି ସିଲଭର୍ ରୁଖା ଜବତ ହୋଇଛି। ଜବତ ସାମଗ୍ରୀର ମୂଲ୍ୟ ହେଉଛି ୧୫ ଲକ୍ଷ ୧୬ ହଜାର ଟଙ୍କା। ଗଞ୍ଜାମ ଜିଲ୍ଲାରେ ୧୪ଟି ମାମଲା ରୁଜୁ ହୋଇଥିବା ୨୧ ଲକ୍ଷ ୫ ହଜାର ଟଙ୍କାର ବିସ୍ଫୋରକ ଜବତ ହୋଇଛି। ୧୦ ଜଣ ଅଭିଯୁକ୍ତଙ୍କୁ ନୋଟିସ୍ ଓ ୪ ଜଣଙ୍କୁ ଗିରଫ କରାଯାଇଛି। ବୌଦ୍ଧ ଜିଲ୍ଲାରେ ୧୦ଟି ମାମଲା, ୫ କୋଟିର ବିସ୍ଫୋରକ ଜବତ ହୋଇଥିବା ବେଳେ ୫ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି ଓ ୫ ଜଣଙ୍କୁ ନୋଟିସ୍ ଦିଆଯାଇଛି। ଆଇନଶୃଙ୍ଖଳା ଏଡିଜି ସଂଜୟ କୁମାର କହିଛନ୍ତି ଯେ ବାଣ ଭଳି ବିସ୍ଫୋରକ ସାମଗ୍ରୀ ଗଚ୍ଛିତ, ବିକ୍ରି କିମ୍ବା ଚାଲାଣ ପାଇଁ ଜିଲ୍ଲାପାଳ ଅନୁମତି ପ୍ରଦାନ କରିଥାନ୍ତି। ଏଥିପାଇଁ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ସହିତ ଉପଯୁକ୍ତ ସ୍ଥାନର ଆବଶ୍ୟକତା ଥାଏ। ଏସବୁ ପାଳନ ନକରି ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ବିସ୍ଫୋରକ ସାମଗ୍ରୀ କାରବାର ହେଉଥିବା ଅଭିଯୋଗ ଆଧାରରେ ସମ୍ପୃକ୍ତ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବେଆଇନ ବିସ୍ଫୋରକ ସାମଗ୍ରୀ କାରବାର ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଦୀପାବଳି ଯାଏଁ ଜାରି ରହିବ ବୋଲି ଶ୍ରୀ କୁମାର କହିଛନ୍ତି।

## ୧ରେ ଲଘୁଚାପ, ୩ ଯାଏଁ ବର୍ଷା

ଭୁବନେଶ୍ୱର,୨୯।୯(ପି.ଏନ): ରାଜ୍ୟରେ ଆଜି ପାଗ ମେଘୁଆ ରହିଥିବା ବେଳେ କିଛି କିଛି ସ୍ଥାନରେ ବର୍ଷା ବି ହୋଇଯାଇଛି। ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ରହିଥିବା ସ୍ପଷ୍ଟଚିହ୍ନିତ ଲଘୁଚାପ ମଧ୍ୟ ଦେଇ ଏକ ଟ୍ରଫ୍‌ଲାଇନ୍ ଗୁଜରାଟ, ଦକ୍ଷିଣ ଛତିଶଗଡ, ଦକ୍ଷିଣ ଓଡିଶା, ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଦେଇ ଗତି କରୁଥିବାରୁ ରାଜ୍ୟର ପାଣିପାଗର ସ୍ଥିତି ଏହିଭଳି ରହିଛି। ଏଥିସହ ଆସନ୍ତାକାଲି (ମଙ୍ଗଳବାର) ଉତ୍ତର ଆଣ୍ଡାମାନ ସାଗରରେ ଏକ ଉପର ବାୟୁମଣ୍ଡଳସ୍ତରୀୟ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହାର ପ୍ରଭାବରେ ବୁଧବାର ସୁଦ୍ଧା ଉତ୍ତର ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତାକାଲିଠାରୁ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷା ହୋଇପାରେ। ବିଶେଷକରି ଗଜପତି, ଗଞ୍ଜାମ, ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ଏଥିସହ ସଂଲଗ୍ନ ଉପକୂଳ ଓଡିଶାରେ ବି ପ୍ରବଳ ବର୍ଷା ବାର ସମ୍ଭାବନାକୁ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

## ଶାରଦୀୟ ଦୁର୍ଗା ପୂଜାକୁ ନେଇ ଉତ୍ସବ ମୁଖର ଶ୍ରୀକ୍ଷେତ୍ର

ଭୁବନେଶ୍ୱର,୨୯।୯(ପି.ଏନ): ଶାରଦୀୟ ଦୁର୍ଗା ପୂଜାକୁ ନେଇ ଉତ୍ସବ ମୁଖର ଶ୍ରୀକ୍ଷେତ୍ର । ମାଆ କାକୁଡିଖାଇ ଙ୍କ ପୀଠରେ ନିଆରା କାକୁଡି ବଳି ପରମ୍ପରା ଏବେ ବି ବଜାୟ ରହିଅଛି । ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରି ଦେବି ମାଆ ବିମଳାଙ୍କ ପ୍ରତିନିଧି ସ୍ୱରୂପା ମାଆ କାକୁଡିଖାଇଙ୍କ ଆଜି ମହା ଅଷ୍ଟମୀରେ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୋଇଛି । ମାଆଙ୍କୁ ଦର୍ଶନ କରି ଭକ୍ତ ଧନ୍ୟମନେ କରିଛନ୍ତି । ସେପଟେ ଶ୍ରୀକ୍ଷେତ୍ରରେ ଦୁର୍ଗାପୂଜା ନେଇ ବିଭିନ୍ନ ସ୍ଥାନରେ ପାରମ୍ପରିକ ବୃହତକାୟ ଘୋଷାଣୀ ମୂର୍ତ୍ତିରେ ପୂଜା ଆରମ୍ଭ ହୋଇଥିବା ପରିଲକ୍ଷିତ ହୋଇଅଛି । ଶ୍ରୀକ୍ଷେତ୍ରରେ ମାଆ ଦୁର୍ଗାଙ୍କ ଆରାଧନା । ନିଆରା ପରମ୍ପରାକୁ ନେଇ ଉତ୍ସବମୁଖର ମାଆ କାକୁଡି ଖାଇଙ୍କ ପୀଠ । ଅଷ୍ଟମୀରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପାଇଁ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ । ଶ୍ରୀକ୍ଷେତ୍ରରେ ପାରମ୍ପରିକ ଭାବେ ଷୋଳ ପୂଜା ଠାରୁ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ତ୍ରିଦିନାତ୍ମକ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହେଉଛି । ଏହି ସମୟରେ ଶ୍ରୀକ୍ଷେତ୍ରରେ ବିଭିନ୍ନ ଯାଗା ଆଖଡ଼ା ମାନଙ୍କରେ ଦୁର୍ଗା ମାଙ୍କୁ ଗୋଷାଣି ରୂପେ ପୂଜା କରାଯିବାର ବିଧି ପରମ୍ପର ରହିଛି । ତେବେ ଅଧିଷ୍ଠାତ୍ରି ଦେବୀ ମାଆ ବିମଳାଙ୍କ ପ୍ରତିନିଧି ଭାବେ ମାଆ କାକୁଡିଖାଇ ଶ୍ରୀ ମନ୍ଦିର ବାହାରେ ପୂଜିତ ହେଉଥିବାବେଳେ ଏଠାରେ ଯଥା ରୀତି ନାନୁସାରେ ପୂଜା ବିଧି କରାଯାଉଛି । ବିଶେଷ କରି ଏହି ତ୍ରିଦିନାତ୍ମକ ପୂଜା ସମୟରେ ମାଙ୍କ ମୃଣ୍ମୟୀ ମୂର୍ତ୍ତି ଆବିର୍ଭାବ ହୋଇଥିବାବେଳେ ବିଳମ୍ବିତ ରାତ୍ରିରେ ସ୍ୱତନ୍ତ୍ର ସନ୍ଧି ପୂଜା କରାଯାଉଛି । ତେବେ ମାଆଙ୍କ ନିକଟରେ ଏହି ସମୟରେ କାକୁଡ଼ି ବଳି ଦେବାର ପରମ୍ପରା କାହିଁ ପ୍ରାଚୀନ କାଳରୁ ଜାରି ରହିଛି ।ଶ୍ରୀ ମନ୍ଦିରରେ ମାଆ ବିମଳାଙ୍କୁ ମହିଳାମାନେ ଦୁର୍ଗା ପୂଜା ସମୟରେ ଦର୍ଶନ କରିବା ବାରଣ ରହିଥିବାବେଳେ ମା କାକୁଡିଖାଇଙ୍କୁ ମହିଳାମାନେ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତି ପାଇଥାନ୍ତି । ଏହି ସମୟରେ ମାଆଙ୍କ ନିକଟରେ ପରିବାର କଲ୍ୟାଣ ଓ ମାନସିକପୂର୍ତ୍ତି ଲକ୍ଷରେ ଭକ୍ତ ମାନେ କାକୁଡି ବଳି ଦେବାର ପରମ୍ପରା ରହିଛି । ବିଶେଷ କରି ମାଆଙ୍କୁ ପୂଜା ଅର୍ଚ୍ଚନା କରିବା ସହ ଭକ୍ତ ମାନେ କାକୁଡି ବଳି ଦେଇ ନିଜ ମନସ୍କାମନା ପୂର୍ତ୍ତି କରୁଥିବା ଜଣାଯାଏ । ମାଆଙ୍କ ନିକଟରେ ଏହି କାକୁଡି ବଳି ପରମ୍ପରା ପ୍ରାଚୀନ ହୋଇଥିବା ବେଳେ ମା ଙ୍କୁ ଏ ନେଇ କାକୁଡି ଖାଇ ନାମରେ ଭକ୍ତ ସମ୍ବୋଧିତ କରିଥାନ୍ତି ।



## ପୀଠେ ମହାମାୟା: ତ୍ରିପୁରା ସୁନ୍ଦରୀ ମା' ଭଟ୍ଟାରିକା

ଭୁବନେଶ୍ୱର,୨୯।୯(ପି.ଏନ): ଭଗବାନଙ୍କ ଷଷ୍ଠ ଅବତାର ପର୍ଶୁରାମ ମାତୃହତ୍ୟା ଦୋଷରୁ ମୁକ୍ତି ପାଇବା ପାଇଁ ଓ ଦୁଷ୍ଟ କ୍ଷତ୍ରିୟମାନଙ୍କୁ ବିନାଶ କରିବା ପାଇଁ ମାତୃଶକ୍ତିର କାମନା କରିଥିଲେ। ନାନା ସ୍ଥାନ ଭ୍ରମଣ କରିସାରିବା ପରେ ସେ ଉତ୍କଳର ରତ୍ନଗିରି ପାହାଡରେ ପହଞ୍ଚିଥିଲେ। ଏଠାକାର ପ୍ରକୃତିରାଜିରେ ବିଭୋର ହେଲେ ଓ ପାହାଡରେ ମା'ଙ୍କୁ ତପସ୍ୟା କଲେ। ତପସ୍ୟାରେ ମୁଗ୍ ?ଧ ହୋଇ ମା' ଦର୍ଶନ ଦେଇଥିଲେ ଓ ଅଭୟ ବର ପ୍ରଦାନ କରି ଅନ୍ତର୍ଧାନ ହୋଇଗଲେ। ମା'ଙ୍କୁ ସେ ଯେଉଁ ରୂପରେ ଦେଖିଲେ, ପାଷାଣରେ ଧନୁ-ତୀର ମୁନରେ ସେହି ମୂର୍ତ୍ତି ଅଙ୍କନ କଲେ ଏବଂ ମା'ଙ୍କ ନାଁ ରଖିଲେ ଭଟ୍ଟାରିକା। ଭଟ୍ଟ ଅର୍ଥାତ୍ କ୍ଷତ୍ରିୟ, ଅରି ଅର୍ଥାତ୍ ଶତ୍ରୁ; (ଭଟ୍ଟ+ଅରିକା= ଭଟ୍ଟାରିକା)। ସେହିଦିନଠାରୁ ଏହା ଏକ ଶକ୍ତିପୀଠରେ ପରିଗଣିତ ହୋଇଆସୁଛି। ମାଳି ସମ୍ପ୍ରଦାୟର ଲୋକେ ରାଜରାଜେଶ୍ୱରୀ ସିଦ୍ଧ ଭଟ୍ଟାରିକା ଉଚ୍ଚାରଣ କରି ଦୁର୍ଗାମନ୍ତ୍ରରେ ମା'ଙ୍କୁ ପୂଜା କରନ୍ତି।



୧୪୦୦ ଶତାବ୍ଦୀରେ ମା'ଙ୍କ ମନ୍ଦିରର ଜଗମୋହନ ନିର୍ମାଣ ହୋଇଥିବା କିମ୍ବଦନ୍ତୀ କହେ। ମା'ଙ୍କ ବହୁ ପୂଜା ମଧ୍ୟରୁ ଶାରଦୀୟ ନବରାତ୍ର ପୂଜା ଅନ୍ୟତମ। ଦ୍ୱିତୀବାହନ ଓଷା ଠାରୁ ମା' ଷୋଡଶ ଉପଚାରରେ ପୂଜା ପାଆନ୍ତି ଓ ବିଭିନ୍ନ ଦିବସରେ ସୁନା ବେଶ ସହ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ବେଶଗୁଡିକ ମଧ୍ୟରୁ ବନଦୁର୍ଗା, ରାଜରାଜେଶ୍ୱରୀ, ଜଗଦ୍ଧାତ୍ରୀ, ହରଚଣ୍ଡୀ, ସିଂହବାହିନୀ, କମଳା, ମାତଙ୍ଗୀ, ତ୍ରିପୁରା ଭୈ ?ରବୀ, ଭୁବନେଶ୍ୱରୀ ଅନ୍ୟତମ। ପ୍ରତ୍ୟେକ ଦିନ ମାଛ ଭୋଗ ହେଉଥିଲେ ମଧ୍ୟ ପାର୍ବଣ ସମୟରେ ମାଛ ବଳି ଦିଆଯାଇଥାଏ। ମୁଖ୍ୟ ପୂଜକ ୧୬ଦିନ ଯାଏଁ ଚଣ୍ଡୀ ପୁରାଣ ଓ ଅପରାଜିତା ଚଣ୍ଡୀପାଠ କରିଥାଆନ୍ତି। ମା'ଙ୍କୁ ଖେଚୁଡି, କାକରା, ଏଣ୍ଡୁରି, ମଣ୍ଡୁଆଳ, ଦହି-ପଖାଳ ଅର୍ପଣ କରାଯାଇଥାଏ। ପ୍ରତ୍ୟେକ ଦିନ ରାତିରେ ମା'ଙ୍କ ବଡସିଂହାର ବେଶ କରାଯାଇଥାଏ। ଏହାପରେ ଶାନ୍ତିପଣା ଦେଇ, ତାମ୍ବୁଳ ଅର୍ପଣ କରିବା ପରେ ମା'ଙ୍କୁ ଖଟ ଶେଯକୁ ନିମନ୍ତ୍ରଣ କରାଯାଇ ପହୁଡ ବନ୍ଦ ହୋଇଥାଏ।

## ବିଶେଷ ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୯ତାରିଖ ଦିନ ପ୍ରକାଶିତ ହୋଇପାରିନଥିଲା। ତେଣୁ ଏହାର ପରବର୍ତ୍ତି ସଂଖ୍ୟା ୩୦ ତାରିଖରେ ପ୍ରକାଶିତ ପାଇଛି।

\- ପ୍ରକାଶକ

## ସରିଛି ବ୍ରିଜ ନିର୍ମାଣ, ନିର୍ମାଣ ହୋଇପାରୁନି ଆପ୍ରୋଚ୍ ରୋଡ

ଭୁବନେଶ୍ୱର,୨୯।୯(ପି.ଏନ): ସରିଛି ବ୍ରିଜ ନିର୍ମାଣ । ନିର୍ମାଣ ହୋଇପାରୁନି ଆପ୍ରୋଚ୍ ରୋଡ । ବଡ଼ଚଣା ବ୍ଲକର ଧାଉଡ଼ିଆପଦା – ବାଉଜଙ୍ଗ ବିରୂପା ସେତୁ ନିର୍ମାଣ ସରିଥିଲେ ସୁଦ୍ଧା ବ୍ରିଜକୁ ସଂଯୋଗୀକରଣ କରୁଥିବା ରାସ୍ତା କାମ ଅଧାରେ ଅଟକିଛି । ଜମି ସମସ୍ୟା ପାଇଁ ରାସ୍ତା କାର୍ଯ୍ୟ ଅଧାରେ ଅଟକି ଥିବା ବେଳେ ସମସ୍ୟା ଭୋଗୁଛନ୍ତି ୫ ଖଣ୍ଡ ପଞ୍ଚାୟତ ଲୋକେ । ସରକାର ଦୃଷ୍ଟି ଦେବାକୁ ଦାବି ଜୋର ଧରିଛି । ବ୍ରିଜ ନିର୍ମାଣ ଶେଷ । ଅଥଚ୍ ଅଧାରେ ଅଟକିଛି ବ୍ରିଜକୁ ସଂଯୋଗକୀରଣ ରାସ୍ତା । ଏ ହେଉଛି ଯାଜପୁର ଜିଲ୍ଲା ଚଣ୍ଡିଖୋଲ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ହୋଇଥିବା ଧାଉଡିଆପଦା-ବାଉଜଙ୍ଗକୁ ସଂଯୋଗ କରୁଥିବା ଚାରିନଙ୍ଗଳ ଠାରେ ନିର୍ମାଣ ହୋଇଥିବା ବିରୂପା ସେତୁ । ବ୍ରିଜ କାମ ଦୀର୍ଘ ବର୍ଷ ହେବ ଶେଷ ହୋଇଥିଲେ ସୁଦ୍ଧା ବ୍ରିଜକୁ ସଂଯୋଗ କରୁଥିବା ରାସ୍ତା କାମ ଅଧାରେ ଅଟକିଛି । ସଂଯୋଗୀକରଣ ରାସ୍ତା ପାଇଁ ଆବଶ୍ୟକୀୟ ଜମି ସମସ୍ୟା ପାଇଁ କାମ ଅଧାରେ ଅଟକିଛି । ଫଳରେ ସମସ୍ୟା ଭୋଗୁଛନ୍ତି ୫ଗୋଟି ପଞ୍ଚାୟତ ଲୋକେ । ପଟ୍ଟାମୁଣ୍ଡାଇ କେନାଲକୁ ସିଧାସଳଖ ସଂଯୋଗ କରୁଛି ଏହି ବ୍ରିଜ ।

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତଃ ଦେବାଂଶୁ ଶତପଥୀ (ଦେବୁ)**

ଆବିର୍ଭାବ -୦୮/୦୪/୨୦୦୩

ତିରୋଧାନ -୧୯/୦୯/୨୦୨୫

ତୁମର ସରଳ ହସ ଏବଂ ସ୍ନେହପୂର୍ଣ୍ଣ ସ୍ୱଭାବ ଆମ ପରିବାର ଏବଂ ତୁମକୁ ଜାଣିଥିବା ସମସ୍ତଙ୍କୁ ଆନନ୍ଦ ଦେଇଥିଲା, ଯଦିଓ ତୁମର ଜୀବନ ସଂକ୍ଷିପ୍ତ ଥିଲା, ତୁମର ସ୍ମୃତି ଆମ ହୃଦୟରେ ଚିରକାଳ ରହିବ। ତୁମର ପବିତ୍ର ଆତ୍ମା ଶାନ୍ତିରେ ବିରାଜିତ ହେଉ, ଇଶ୍ୱରଙ୍କୁ ଏତିକି ପ୍ରାର୍ଥନା । ତୁମର ଅବର୍ତ୍ତମାନରେ ଆମେ ସମସ୍ତେ ବ୍ୟଥିତ ଓ ତୁମ ସ୍ମୃତିକୁ ଚିରକାଳ ମନେପକାଇବୁ।

ପିତା, ମାତା, ଭଉଣୀ, ପରିବାର ଏବଂ ସମ୍ପର୍କୀୟ

ଗ୍ରାମ: ଆଙ୍ଗେଇପାଳ, କରଦା, ଧାମନଗର, ଭଦ୍ରକ

## ଗଛ ତଳେ ଚାଲିଛି ଅଙ୍ଗନବାଡି କେନ୍ଦ୍ର

ଭୁବନେଶ୍ୱର,୨୯।୯(ପି.ଏନ): ଗଛ ତଳେ ଅଙ୍ଗନବାଡି କେନ୍ଦ୍ର । ବିପଦପୂର୍ଣ୍ଣ ଭାବେ ପାଠ ପଢୁଛନ୍ତି କୋମଳମତି ଶିଶୁ । ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ଦିଗହରା ମହିଳା ଓ ଶିଶୁ ବିକାଶ ଯୋଜନା । କର୍ତ୍ତନପାଲି ପଞ୍ଚାୟତ ଲୁଲେର ଗାଁରେ ଅଙ୍ଗନବାଡି କେନ୍ଦ୍ରଟିଏ ନଥିବାରୁ ଦୀର୍ଘ ଦିନ ହେବ ଗଛ ତଳେ ଚାଲୁଛି ଅଙ୍ଗନବାଡି କେନ୍ଦ୍ର । ହେଲେ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ଯାହା ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରାକ ଶିକ୍ଷାର ବିକଳ ଚିତ୍ର । ଗଛ ତଳେ ଚାଲିଛି ଅଙ୍ଗନବାଡି କେନ୍ଦ୍ର । ବିପଦ ମୁଣ୍ଡେଇ ପାଠ ପଢୁଛନ୍ତି କୋମଳମତି ପିଲା । ମାଲକାନଗିରି ଜିଲ୍ଲା ମାଥିଲିରେ ଦିଗହରା ପାଲଟିଛି ମହିଳା ଓ ଶିଶୁ ବିକାଶ ଯୋଜନା । ଦୃଷ୍ଟି ଦେଉନି ସ୍ଥାନୀୟ ପ୍ରଶାସନ । ଦୀର୍ଘ ଦିନ ହେବ ମାଥିଲି ବ୍ଲକ କର୍ତ୍ତନପାଲି ପଞ୍ଚାୟତ ଲୁଲେର ଗାଁରେ ଗଛ ତଳେ ଚାଲୁଛି ଅଙ୍ଗନବାଡି କେନ୍ଦ୍ର । ବର୍ଷ ତମାମ ଗଛ ତଳେ ବସି ପାଠ ପଢୁଛନ୍ତି ପିଲା । ଯାହା ବ୍ୟବସ୍ଥିତ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ମାଥିଲି ବ୍ଲକରେ ୨୧ ଗୋଟି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଘର ନାହିଁ । ଫଳରେ ଭଡା ଘରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର । ଲୁଲେର କେନ୍ଦ୍ର ପାଇଁ ମଧ୍ୟ ଭଡା ଘର ଯୋଗାଇ ଦିଆଯାଇଛି । ହେଲେ ତାହା ଭଙ୍ଗାଦଦରା ହୋଇଥିବାରୁ ଅଙ୍ଗନବାଡି ଦିଦି ପିଲାଙ୍କୁ ଗଛ ତଳେ ବସାଇ ପାଠ ପଢାଉଛନ୍ତି । ଲୁଲେର କେନ୍ଦ୍ର ପାଇଁ ଅନୁଦାନ ଆସିଛି ହେଲେ ସ୍ଥାନ ବିବାଦ ପାଇଁ କାମ ଆରମ୍ଭ ହୋଇପାରିନି । ସମସ୍ୟା ସଂପର୍କରେ ଅଙ୍ଗନବାଡି କର୍ମୀ ଅନେକ ଥର ସ୍ଥାନୀୟ ପ୍ରଶାସନଙ୍କୁ ଜଣାଇଥିଲେ ସୁଦ୍ଧା କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ଖୁବଶୀଘ୍ର ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ କରି ହସ୍ତାନ୍ତର କରାଯିବ ବୋଲି କହିଛନ୍ତି ବିଡିଓ । ଲୁଲେର ଗାଁରେ କେବେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ହେଉଛି ? ପିଲା କେବେ ସୁବିଧାରେ ବସି ପାଠ ପଢୁଛନ୍ତି ? ନା ବିଡିଓଙ୍କ ପ୍ରତିଶୃତି ପାଣିର ଗାର ପାଲଟୁଛି ? ତାହା ଆଗାମୀ ଦିନରେ ଜଣାପଡିବ ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୩୦**

# ଶରୀର ଓ ମନ ସୁସ୍ଥ ରହୁ

ଶରୀର ଓ ମନ ଉଭୟର ସୁସ୍ଥତା ହିଁ ଉତମ ସ୍ୱାସ୍ଥ୍ୟର ଚାବିକାଠି । ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି । ତେଣୁ କୁହାଯାଇଛି ସ୍ୱାର୍ଥ ହିଁ ସମ୍ପଦ । ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ । ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ । ଏକ ଉତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ । ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା । ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ । ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ । ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ । ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ । ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି । ସାତ୍ତ୍ୱିକ ଭୋଜନ ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ । ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ । ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତମ ଫଳ ମିଳିଥାଏ । ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ । ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟା ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ । ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା । ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ । ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧାତ୍ମିକବାଦୀମାନେ କହିଥାନ୍ତି । ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ । ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ । ଆତ୍ମା ବାହାରି ଯାଇଥିବା ଦେହ ବା ଶବ ଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ । ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା । ଭଗବତ ଗୀତାରେ ଉଲ୍ଲେଖ ଅଛି 'ଅହଂ ବୈଶ୍ୱାନରେ ।



ଡାକ୍ତର ଗୁରୁପଦ ମିଶ୍ର

ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନଂକମ୍ ଚତୁର୍ବିଧମ୍ ।' ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି – ଉପାସନା । ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବ ଉଚିତ ନୁହେଁ । ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ । ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେହିଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତମ ଉପାସନା । ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ, ଅଜ୍ଞତା ଓ କ୍ରୋଧର ବଶବର୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ । ବେଳେ ବେଳେ ଓଳିଏ ପାଇଁ ପାକସ୍ଥଳୀକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇପାରେ । ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧାତ୍ମିକ ସ୍ୱାସ୍ଥ୍ୟ ପାଇଁ ସଠିକ ପ୍ରକାର ଓ ସଠିକ୍ ଭାବର ସହ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ । ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି ନିଜ ପରିବାର ପ୍ରତି ଓ ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା । ସୁସ୍ଥ ଶରୀର ଓ ସୁସ୍ଥ ମନ ଉନ୍ନତ ବିଚାରର ଜନକ ଓ ଉନ୍ନତ ବିଚାର ବିବେକର ସମର୍ଥକ । ବିବେକାନୁମୋଦିତ ଜୀବନ ହିଁ ସର୍ବୋତମ ଫଳଦାୟୀ ଜୀବନ । ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ।

*ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

# ହେ ମହାମାୟା ! ଜଗତମୟୀ ଜଗଦମ୍ବା

ମା'ଦୁର୍ଗା ଏ ସୃଷ୍ଟିର ଆଦିଶକ୍ତି । ସେ ହିଁ ପରମାତ୍ମା ପରମେଶ୍ୱରଙ୍କର ପ୍ରକୃତ କାର୍ଯ୍ୟକାରିଣୀ ଶକ୍ତି । କାରଣ ବ୍ରହ୍ମ ନିଷ୍କ୍ରିୟ, ଅଯୋକ୍ତା, ଅଭୋକ୍ତା.. ଇତ୍ୟାଦି । କିନ୍ତୁ ସେ ସ୍ଥିର, ନିଶ୍ଚଳ, ସର୍ବବ୍ୟାପୀ, ଅନାଦି, ଅନନ୍ତ କିନ୍ତୁ ସାକ୍ଷୀ ଓ ଦ୍ରଷ୍ଟା ଏବଂ ନିରପେକ୍ଷ କର୍ମଫଳଦାତା । ତାଙ୍କ ନିର୍ଦ୍ଦେଶରେ ପ୍ରକୃତି (ଆଦିଶକ୍ତି ମାୟା) ସଂସାର ସୃଷ୍ଟି କରନ୍ତି । ଗୀତାରେ କୁହାଯାଇଛି – 'ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରଂ' ।। ସୃଷ୍ଟି କାର୍ଯ୍ୟ ପାଇଁ ସେ ବିଭିନ୍ନ ନାମରେ ଖ୍ୟାତ । ସେ ପ୍ରକୃତି, ସେ ହିଁ ଶକ୍ତି, ଦୁର୍ଗା, କାଳୀ, ଚଣ୍ଡୀ, କ୍ଷେତ୍ର-କ୍ଷେତ୍ରଜ୍ଞ, ବିଦ୍ୟା-ଅବିଦ୍ୟା, ମାୟା, ଯୋଗମାୟା, ମହାମାୟା ଇତ୍ୟାଦି । ସେ ବ୍ରହ୍ମଙ୍କର ଅବିଚ୍ଛିନ୍ନ ଅଂଶ ଏବଂ ଆଦ୍ୟନ୍ତ ବିହୀନ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର – ତିନି ଆଦିଦେବ, ତାଙ୍କରି ସୃଷ୍ଟି ଓ ତାଙ୍କରି ଶକ୍ତିରେ ହିଁ ଦୃଶ୍ୟାଦୃଶ୍ୟ ଜଗତର ସୃଷ୍ଟି, ସ୍ଥିତି ଓ ପାଳନ କରନ୍ତି । ଅନ୍ୟ ଯେତେ ଦେବଦେବୀ, ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ ପ୍ରଭୃତି (ଆବ୍ରହ୍ମ ଭୁବନାତ୍ ଲୋକାଃ) ସଂସାରରେ ଅଛନ୍ତି ସେ ସମସ୍ତେ ତାଙ୍କରି ଶକ୍ତି ଓ ନିର୍ଦ୍ଦେଶରେ ପରିଚାଳିତ । ତାଙ୍କୁ ବୁଝିବା ଓ ତାଙ୍କର ଉପାସନା କରିବା ସର୍ବକାମପ୍ରଦ, ସଂସାରକ୍ଲେଶ ନିବାରକ ଓ ଶେଷରେ ମୁକ୍ତିପ୍ରଦ । ଈଶାବାସ୍ୟୋପନିଷଦରେ ଯଥାର୍ଥରେ କୁହାଯାଇଛି – 'ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା ବିଦ୍ୟାୟାଽମୃତମଶ୍ନୁତେ ।'

ଓଡ଼ିଶାର ଜୀବନଯାତ୍ରା, ଧର୍ମ ଧାରଣା, ପର୍ବପର୍ବାଣି, କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ, ସାହିତ୍ୟ ଓ ପ୍ରତ୍ନତତ୍ତ୍ୱରେ ତନ୍ତ୍ରର ପ୍ରଭାବ ସୁସ୍ପଷ୍ଟ ଯାହା ସ୍ୱତନ୍ତ୍ର ଆଲୋଚନାର ପ୍ରତୀକ୍ଷା କରିଥାଏ । ମନ୍ଦିର, ପୀଠ, ମଠ ବ୍ୟତୀତ ଗୃହେ ଗୃହେ ମଣ୍ଡଳ, କୋଠି, ଚକ୍ର, ଯନ୍ତ୍ର ଓ ନବପତ୍ରିକାରେ ତନ୍ତ୍ର ପୂଜା ଅନୁଷ୍ଠିତ ହେବ । ଓଡ଼ିଶା ତନ୍ତ୍ର ପରମ୍ପରାର ଅନ୍ୟତମ ଅଙ୍ଗ । ସ୍ୱଳ୍ପ ସମୟ ନିମିତ ପୂଜା ଆସ୍ଥାନକୁ ମଣ୍ଡଳ, ଯନ୍ତ୍ର ଓ କୋଠିରେ ସୁସଜ୍ଜିତ କରି ଅସ୍ଥାୟୀ ତନ୍ତ୍ରପୀଠ ନିର୍ମାଣ ପୂର୍ବକ ସହଜ ଓ ସରଳ ବିଧିରେ ତନ୍ତ୍ର ପୂଜା କରିବାର ଓଡ଼ିଶାରେ ଭବ୍ୟ ପରମ୍ପରା ସ୍ୱରୂପରେ ପ୍ରତିଭାତ । ସର୍ବସାଧାରଣ କ୍ଲିଷ୍ଟ ଓ କଷ୍ଟସାଧ ତନ୍ତ୍ର ଉପାସନା ନକରି ମଧ୍ୟ ଏହି ସବୁ ଯାତ୍ରା, ଓଷା ଓ ପର୍ବପର୍ବାଣି ମାଧ୍ୟମରେ ମାତୃଭକ୍ତିରେ ଅବଗାହନ କରିପାରୁଛନ୍ତି । ସଂପ୍ରତି ଓଡ଼ିଶାର ନଗର, ଗ୍ରାମ, ପଲ୍ଲୀ ସର୍ବତ୍ର ମୃଣ୍ମୟୀ କାଳୀ



ଦେବାଶିଷ ଆଚାର୍ଯ୍ୟ

ପୂଜା, ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ପ୍ରଭୃତି ଅନୁଷ୍ଠିତ ହେଉଛି । ଓଡ଼ିଶା ହେଉଛି ଶାକ୍ତ ତନ୍ତ୍ରର ଉନ୍ମେଷସ୍ଥଳୀ । ଏହାକୁ ଆଧାର କରି ଓଡ଼ିଶାରେ ବୈଷ୍ଣବତନ୍ତ୍ର, ଶୈବତନ୍ତ୍ର, ଶାବର ତନ୍ତ୍ର, ନାଥ ତନ୍ତ୍ର, ନାଗାନ୍ତକ ବିଦ୍ୟା ପ୍ରଭୃତି ଉତତରୋତର ବିକାଶ ଲାଭ କରିଥିଲା । ଅଧିକନ୍ତୁ, ଓଡ଼ିଶା ଶାକ୍ତ ପରମ୍ପରା ଉଦବୁଦ୍ଧ ହୋଇ ନିରୀଶ୍ୱରବାଦୀ ବୌଦ୍ଧମାନେ ଏହି ମାଟିରେ ବୌଦ୍ଧ ତନ୍ତ୍ରର ଉନ୍ମେଷ ଓ ବିକାଶ ଘଟାଇ ପାରିଥିଲେ । ପରିଣାମ ସ୍ୱରୂପ ଓଡ଼ିଶା ତନ୍ତ୍ର ସମନ୍ୱୟର ମହାପୀଠ ଭାବରେ ବିଶ୍ୱରେ ସ୍ୱତନ୍ତ୍ର ଆସନ ଅଳଙ୍କୃତ କରିଥିଲା । ଓଡ଼ିଶାର ତନ୍ତ୍ରଧାରା ପରିବର୍ତିତ ସମୟ ଓ ସମାଜ ସହିତ ତାଳ ଦେଇ ପାରମ୍ପରିକ ପରିଧିରେ ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୋଇଥିଲା । ଏହାଦ୍ୱାରା ଦେବଦେବୀ ଉପାସନା ନିର୍ଦ୍ଦିଷ୍ଟ ଗୋଷ୍ଠୀ ଭିତରେ ଆବଦ୍ଧ ନହୋଇ ସାର୍ବଜନୀନ ସ୍ୱରୂପ ଗ୍ରହଣ କଲା । ସଂକ୍ଷେପରେ ଉଲ୍ଲେଖ କଲେ, ତନ୍ତ୍ରର ଉତରଣରେ ଓଡ଼ିଶା ମାଟିରେ ଜନ୍ମ ନେଇଥିବା ତନ୍ତ୍ରର ନୂତନ ସଂବୋଧି ଦ୍ୱାରା ଉପାସନାର ଧାରା, ସରଳ, ସହଜ, ସୁବୋଧ ଓ ସାର୍ବଜନୀନ ହୋଇପାରିଛି ।

ବେଦରେ ଭଗବତୀ ଦେବୀଙ୍କ ସ୍ତୁତି ସମ୍ପର୍କରେ କୁହାଯାଇଛି – ଦେବୀ ! ହେ ମହାମାୟା ! ତୁମେ ହିଁ ଏ ବିଶ୍ୱର ସୃଷ୍ଟିକାରିଣୀ । ଭଗବାନ ଶଙ୍କରଙ୍କ ମନୋରଥ ପୂର୍ଣ୍ଣ କାରିଣୀ, ଜଗତମୟୀ ଜଗଦମ୍ବା । ସମସ୍ତ ପ୍ରାଣୀଙ୍କ ଆଶ୍ରୟ ଦାନରେ ତୁମେ ହିଁ ଅର୍ଦ୍ଧମାତ୍ରା ଏବଂ ଗାୟତ୍ରୀରେ ତୁମେ ହିଁ ପ୍ରଣବ ।

ଦକ୍ଷିଣ ରାଢ଼ଙ୍ଗ, ବଳଗାଁ, ପୁରୀ
ଦୂରଭାଷ : ୯୭୭୬୮୨୫୦୯୪

# ଦୁର୍ଗା ପୂଜା ଉପଲକ୍ଷେ

ଦୁର୍ଗା ପୂଜା ହିନ୍ଦୁ ଧର୍ମରେ, ବିଶେଷକରି ପଶ୍ଚିମବଙ୍ଗ, ଓଡିଶା ଏବଂ ପୂର୍ବ ଭାରତର ଅନ୍ୟାନ୍ୟ ଅଂଶରେ ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ପର୍ବ । ଏହା ମଇଁଷି ରାକ୍ଷସ ମହିଷାସୁର ଉପରେ ଦେବୀ ଦୁର୍ଗାଙ୍କ ବିଜୟକୁ ମନେ ପକାଇଥାଏ, ଯାହା ମନ୍ଦ ଉପରେ ଭଲର ବିଜୟର ପ୍ରତୀକ । ଐତିହାସିକ ଗୁରୁତ୍ୱ – ପ୍ରାଚୀନ ଉତ୍ପତି : ଦେବୀ ଦୁର୍ଗାଙ୍କ ପୂଜା ବୈଦିକ ଯୁଗରୁ ଆରମ୍ଭ ହୋଇଥିଲା, ଏହି ପର୍ବ ଷୋଡଶ ଶତାବ୍ଦୀରେ ବଙ୍ଗଳାରେ ଲୋକପ୍ରିୟତା ହାସଲ କରିଥିଲା । ସମୟ ସହିତ ବିବର୍ତନ : ପ୍ରାରମ୍ଭରେ ଏକ ଘରୋଇ ପୂଜା, ଦୁର୍ଗା ପୂଜା ଏକ ସାର୍ବଜନୀନ ମହୋତ୍ସବରେ ପରିଣତ ହୋଇଥିଲା, ଯେଉଁଥିରେ ସାମ୍ପ୍ରଦାୟିକ ଅଂଶଗ୍ରହଣ ଏବଂ ବିସ୍ତୃତ ଉତ୍ସବ ଅନୁଷ୍ଠିତ ହୋଇଥିଲା । ୟୁନେସ୍କୋ ସ୍ୱୀକୃତି : ୨୦୨୧ ମସିହାରେ, କୋଲକତାର ଦୁର୍ଗା ପୂଜାକୁ ମାନବତାର ଅମୃତ ସାଂସ୍କୃତିକ ଐତିହ୍ୟର ୟୁନେସ୍କୋର ପ୍ରତିନିଧି ତାଲିକାରେ ଲିପିବଦ୍ଧ କରାଯାଇଥିଲା, ଏହାର ସାଂସ୍କୃତିକ ଐତିହ୍ୟର ୟୁନେସ୍କୋର ପ୍ରତିନିଧି ତାଲିକାରେ ଲିପିବଦ୍ଧ କରାଯାଇଥିଲା, ଏହାର ସାଂସ୍କୃତିକ ଗୁରୁତ୍ୱ ସ୍ୱୀକାର କରାଯାଇଥିଲା । ସାଂସ୍କୃତିକ ପ୍ରଭାବ – କଳାତ୍ମକ ଅଭିବ୍ୟକ୍ତି : ଦୁର୍ଗା ପୂଜା ବଙ୍ଗୀୟ ଐତିହ୍ୟକୁ ଉଜ୍ଜ୍ୱଳ କରି ପାରମ୍ପରିକ ସଙ୍ଗୀତ, ନୃତ୍ୟ ଏବଂ ନାଟକ ସମେତ ବିଭିନ୍ନ କଳା ରୂପ ପ୍ରଦର୍ଶନ କରେ । ସମ୍ପ୍ରଦାୟ ବନ୍ଧନ : ଏହି ପର୍ବ ଲୋକମାନଙ୍କୁ ଏକାଠି କରିଥାଏ, ସମ୍ପ୍ରଦାୟ ଏବଂ ସାମାଜିକ ବନ୍ଧନର ଭାବନାକୁ ବୃଦ୍ଧି କରିଥାଏ । ସାଂସ୍କୃତିକ ପ୍ରତୀକ : ଦୁର୍ଗା ପୂଜା ବଙ୍ଗାଳୀ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ, ଏହି ଅଂଚଳର ସମୃଦ୍ଧ ପରମ୍ପରା ଏବଂ ରୀତିକୁ ପ୍ରତୀକ କରିଥାଏ । ଅନନ୍ୟ ପରମ୍ପରା : କୁମାରତୁଲି ମୂର୍ତି : କୋଲକତାର କୁମାରତୁଲିରେ କାରିଗରମାନେ ଦେବୀ ଦୁର୍ଗାଙ୍କ ଜଟିଳ ମୂର୍ତି ତିଆରି କରନ୍ତି, ସେମାନଙ୍କର କାରିଗରୀ ପ୍ରଦର୍ଶନ କରନ୍ତି ।

ପାଣ୍ଡାଲ -ହପିଂ : ଭକ୍ତମାନେ କଳାତ୍ମକ ବିଷୟବସ୍ତୁ ଏବଂ ସାଜସଜ୍ଜାକୁ ପ୍ରଶଂସା କରି ଅନେକ ପାଣ୍ଡାଲ ପରିଦର୍ଶନ କରନ୍ତି । ସିନ୍ଦୁର ଖେଳ : ବିବାହିତ ମହିଳାମାନେ ପରସ୍ପର ଏବଂ ଦେବୀଙ୍କୁ ସିନ୍ଦୁର ପାଉଡର ଲଗାନ୍ତି, ଯାହା ବୈବାହିକ ଆନନ୍ଦର ପ୍ରତୀକ ଏବଂ ଦୁର୍ଗାଙ୍କୁ ବିଦାୟ ଦିଏ । ଓଡିଶାରେ ଦୁର୍ଗା ପୂଜା ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ଯାହା ମହା ଉତ୍ସାହ ଏବଂ ପାରମ୍ପରିକ ରୀତିନୀତି ସହିତ ପାଳିତ ହୁଏ । ଓଡିଶାରେ ଦୁର୍ଗା ପୂଜାର କିଛି ଅନନ୍ୟ ଦିଗ ଏଠାରେ ଦିଆଯାଇଛି । ରୂପା ଏବଂ ସୁନା ଫିଲିଗ୍ରୀ କାମ : କଟକର ଦୁର୍ଗା ପୂଜା ମୂର୍ତିର ମୁକୁଟ ଏବଂ ପାଣ୍ଡାଲରେ ଏହାର ଜଟିଳ ରୂପା ଏବଂ ସୁନା ଫିଲିଗ୍ରୀ କାମ ପାଇଁ ପ୍ରସିଦ୍ଧ, ଯାହା ଅସାଧାରଣ କାରିଗରୀ ପ୍ରଦର୍ଶନ କରେ । ପାରମ୍ପରିକ ଓଡିଆ ଖାଦ୍ୟ: ଭକ୍ତମାନେ ମା ଦୁର୍ଗାଙ୍କୁ ଭୋଗ ଭାବରେ ଦହି ପଖାଳ, ସାଗ ଭଜା, ଖିଚୁଡି, ଡାଲମା, ଚାଉଳ, ଖଟା ଏବଂ ପୟା ଭଳି ପାରମ୍ପରିକ ଓଡିଆ ଖାଦ୍ୟ ପ୍ରଦାନ କରନ୍ତି । କଳଶ ଯାତ୍ରା ବିଧି : ମହିଳାମାନେ ନିକଟବର୍ତୀ ପୋଖରୀରୁ ଏକ ଶୋଭାଯାତ୍ରାରେ ପାଣି ନେଇ ଯାଆନ୍ତି, ବିଧିରେ ଜଳ ଗୁରୁତ୍ୱକୁ ଉଜାଗର କରନ୍ତି । ଅନନ୍ୟ ବିଷୟବସ୍ତୁ : ଭୁବନେଶ୍ୱରର ମଣ୍ଡପଗୁଡିକରେ ତନ୍ତ୍ର ପୂଜା, ଅପରେସନ ସିନ୍ଦୂର ଏବଂ ପ୍ରାକୃତିକ ସମନ୍ୱୟ ଭଳି ବିବିଧ ବିଷୟବସ୍ତୁ ରହିଛି, ଯାହା ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରେ । ସମ୍ପ୍ରଦାୟ ଉତ୍ସବ : ଦୁର୍ଗା ପୂଜା ଲୋକମାନଙ୍କୁ ଏକାଠି କରେ, ସମ୍ପ୍ରଦାୟ ଏବଂ ସାମାଜିକ ବନ୍ଧନର ଭାବନାକୁ ବଢାଏ, ଭକ୍ତମାନେ ପୂଜା କରିବା, ଭୋଜନ ବାଂଟିବା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଏକତ୍ରିତ ହୁଅନ୍ତି । ଓଡିଶାର କିଛି ଉଲ୍ଲେଖନୀୟ ଦୁର୍ଗାପୂଜା ଉତ୍ସବ ମଧ୍ୟରେ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ରହିଛି । କଟକର ଝାଞ୍ଜିରି ମଙ୍ଗଳା ମନ୍ଦିର : ଦୁର୍ଗାପୂଜା ସମୟରେ ଏହାର ସ୍ୱତନ୍ତ୍ର ବେଶ (ସାଜସଜ୍ଜା) ପାଇଁ ଜଣାଶୁଣା । ଝାରପଡା ଦୁର୍ଗାପୂଜା : ଭୁବନେଶ୍ୱରରେ ଏକ ଲୋକପ୍ରିୟ ଉତ୍ସବ, ଯଦିଓ ଆଭ୍ୟନ୍ତରୀଣ ଦ୍ୱନ୍ଦ ଏହି ବର୍ଷ ଉତ୍ସବକୁ ବିଭାଜିତ କରିଥିଲା । ଭୁବନେଶ୍ୱରର ମଣ୍ଡପ : ଅଭିନବ ବିଷୟବସ୍ତୁ, କଳାତ୍ମକ ସାଜସଜ୍ଜା ଏବଂ ପରିବେଶ ଅନୁକୂଳ ଅଭ୍ୟାସଗୁଡିକୁ ପ୍ରଦର୍ଶିତ କରେ, ଯାହା ରାଜ୍ୟ ସାରାରୁ ପରିଦର୍ଶକମାନଙ୍କୁ ଆକର୍ଷିତ କରେ । ଏହି ଉତ୍ସବ ପାଂଚଦିନ ଧରି ପାଳିତ ହୁଏ, ମୁଖ୍ୟ ରୀତିନୀତି ସହିତ- ମହା ଷଷ୍ଠୀ : ବୋଧନ (ଦେବୀଙ୍କ ଜାଗରଣ) ଏବଂ କଳ୍ପାରମ୍ଭ ରୀତିନୀତି ଉତ୍ସବର ଆରମ୍ଭରୁ ଚିହ୍ନିତ କରେ । ମହା ସପ୍ତମୀ : ନବପତ୍ରିକା କିମ୍ବା କୋଳ ବୋଉ ରୀତିନୀତିରେ ସ୍ନାନ ଏବଂ ଦେବୀଙ୍କ ପ୍ରତୀକ ନଅଟି ଗଛ ପୂଜା ଅର୍ନ୍ତଭୁକ୍ତ । ମହା ଅଷ୍ଟମୀ : ସନ୍ଧି ପୂଜା ଅଷ୍ଟମୀ ଏବଂ ନବମୀର ସନ୍ଧି ସମୟରେ ହୁଏ, ଯାହା ଦେବୀ ଦୁର୍ଗାଙ୍କ ମହିଷାସୁର ଉପରେ ବିଜୟକୁ ସୂଚିତ କରେ । ମହାନବମୀ : ଦେବୀଙ୍କ ନିକଟରେ ସ୍ୱତନ୍ତ୍ର ପ୍ରାର୍ଥନା ଏବଂ ଭୋଗ ଅର୍ପଣ କରାଯାଏ । ବିଜୟ ଦଶମୀ : ମୂର୍ତି ବିସର୍ଜନ (ବିସର୍ଜନ) ଉତ୍ସବର ସମାପ୍ତିକୁ ସୂଚିତ କରେ, ଭକ୍ତମାନେ ମା ଦୁର୍ଗାଙ୍କୁ ବିଦାୟ ଦିଅନ୍ତି । ଓଡିଶାର ଦୁର୍ଗା ପୂଜା ମଣ୍ଡପଗୁଡିକ ପ୍ରକୃତରେ ସୁନ୍ଦର ଏବଂ ଆକର୍ଷଣୀୟ ଅସାଧାରଣ କାରିଗରୀ ଏବଂ ସୃଜନଶୀଳତନା ପ୍ରଦର୍ଶନ କରନ୍ତି । ଏଠାରେ କିଛି ଦନି ଅଛି ଯାହା ସେମାନଙ୍କୁ ସ୍ୱତନ୍ତ୍ର କରିଥାଏ । ଅନନ୍ୟ ବିଷୟବସ୍ତୁ : ଉତ୍ପାଦନ ବିଷୟବସ୍ତୁ : ମଣ୍ଡପଗୁଡିକରରେ ତନ୍ତ୍ର ପୂଜା, ଅପରେସନ ସିନ୍ଦୂର ଏବଂ ପ୍ରାକୃତିକ ସମନ୍ୱୟ ଭଳି ବିବିଧ ବିଷୟବସ୍ତୁ ରହିଛି, ଯାହା ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରେ । କଳାତ୍ମକ ସାଜସଜ୍ଜା : ମଣ୍ଡପଗୁଡିକ ରୂପା ଏବଂ ସୁନା ଫିଲିଗ୍ରୀ କାମ, ମାଟି ମଡେଲିଂ ଏବଂ ପାରମ୍ପରିକ ଓଡିଆ ଗଳା ସମେତ ଜଟିଳ ସାଜସଜ୍ଜାରେ ସଜ୍ଜିତ । କଳାତ୍ମକ ଉତ୍କର୍ଷତା : କାର୍ଯ୍ୟଶିଳ୍ପ : ମଣ୍ଡପଗୁଡିକରେ ପ୍ରଦର୍ଶିତ କାରିଗରୀ ଅସାଧାରଣ, କାରିଗରମାନେ ଜଟିଳ ମୂର୍ତି ଏବଂ ସାଜସଜ୍ଜା ତିଆରି କରିବାରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରନ୍ତି । ବିସ୍ତୃତ ବିବରଣୀ ପ୍ରତି ଧ୍ୟାନ : ପାଣ୍ଡାଲରେ ବିବରଣୀ ପ୍ରତି ଧ୍ୟାନ ଆକର୍ଷଣୀୟ ପ୍ରତିଟି ଦିଗ ସହିତ, ମୂର୍ତିର ପୋଷାକ ଠାରୁ ସାଜସଜ୍ଜା ପର୍ଯ୍ୟନ୍ତ, କାରିଗରଙ୍କ ସୃଜନଶୀଳତାକୁ ପ୍ରତିଫଳିତ କରେ । ସାଂସ୍କୃତିକ ଗୁରୁତ୍ୱ : ସାଂସ୍କୃତିକ ଐତିହ୍ୟ : ପାଣ୍ଡାଲଗୁଡିକ ଓଡିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରେ, ପାରମ୍ପରିକ କଳା ରୂପ, ସଙ୍ଗୀତ ଏବଂ ନୃତ୍ୟ ପ୍ରଦର୍ଶନ କରେ । ସମ୍ପ୍ରଦାୟ ବନ୍ଧନ : ପାଣ୍ଡାଲଗୁଡିକ ଲୋକମାନଙ୍କୁ ଏକାଠି କରନ୍ତି, ସମ୍ପ୍ରଦାୟ ଏବଂ ସାମାଜିକ ବନ୍ଧନର ଭାବନାକୁ ବୃଦ୍ଧି କରନ୍ତି । ଯେତେବେଳେ ଭକ୍ତମାନେ କଳାତ୍ମକ ସୃଷ୍ଟିକୁ ପୂଜା ଏବଂ ପ୍ରଶଂସା କରିବାକୁ ଏକତ୍ରିତ ହୁଅନ୍ତି । ଓଡିଶାରେ ଦୁର୍ଗା ପୂଜା ଏକ ଉତ୍ସବ ଯାହା ମହା ଉତ୍ସାହ ଏବଂ ଅନନ୍ୟ ପରମ୍ପରା ସହିତ ପାଳିତ ହୁଏ । ଏଠାରେ ଏହାକୁ ଠିଆ କରିଥାଏ । ଓଡିଶାରେ ଦୁର୍ଗା ପୂଜା ବିବିଧତା ମଧ୍ୟରେ ଏକତା'ର ଏକ ଉତ୍କୃଷ୍ଟ ଉଦାହରଣ । ଏହି ପର୍ବ ସାଂସ୍କୃତିକ, ସାମାଜିକ ଏବଂ ଆର୍ଥିକ ପାର୍ଥକ୍ୟକୁ ଅତିକ୍ରମ କରି ଲୋକମାନଙ୍କୁ ଏକାଠି କରେ । ଏହା ଏପରି ଏକ ସମୟ ଯେତେବେଳେ ଜୀବନର ସମସ୍ତ ବର୍ଗର ଲୋକମାନେ ଏକାଠି ହୋଇ ଉତ୍ସବ ପାଳନ କରନ୍ତି, ଆନନ୍ଦ ବାଂଟିଥାନ୍ତି ଏବଂ ସାମୁଦାୟିକ ବନ୍ଧନକୁ ସୁଦୃଢ଼ କରନ୍ତି । ଦୁର୍ଗା ପୂଜା ସମୟରେ ପରମ୍ପରା, ରୀତିନୀତି ଏବଂ କଳତ୍ମକ ଅଭିବ୍ୟକ୍ତିର ଅନନ୍ୟ ମିଶ୍ରଣ ଓଡିଶାର ସମୃଦ୍ଧ ସାଂସ୍କୃତିକ ବିବିଧତାକୁ ପ୍ରଦର୍ଶନ କରେ । କଟକର ପାଣ୍ଡାଲରେ ଜଟିଳ ରୂପା ଫିଲିଗ୍ରୀ କାମ ଠାରୁ ଆରମ୍ଭ କରି ସ୍ପନ୍ଦନଶୀଳ ସାଂସ୍କୃତିକ ପ୍ରଦର୍ଶନ ପର୍ଯ୍ୟନ୍ତ, ଏହି ଉତ୍ସବ ରାଜ୍ୟର ବିବିଧ ଐତିହ୍ୟର ଏକ ଉତ୍ସବ । ସେହି ସମୟରେ, ଦୁର୍ଗା ପୂଜା ଏକତାର ମଧ୍ୟ ପ୍ରତୀକ, କାରଣ ବିଭିନ୍ନ ପୃଷ୍ଠଭୂମି ଏବଂ ସମ୍ପ୍ରଦାୟର ଲୋକମାନେ ଦେବୀଙ୍କୁ ପୂଜା କରିବା ଏବଂ ଉତ୍ସବଗୁଡିକରେ ଅଂଶୀଦାର ହେବା ପାଇଁ ଏକାଠି ହୁଅନ୍ତି । ଏହା ଆମ ଜୀବନରେ ଏକତା, ସହଯୋଗ ଏବଂ ପାରମ୍ପରିକ ସମ୍ମାନର ଗୁରୁତ୍ୱର ଏକ ଶକ୍ତିଶାଳୀ ସ୍ମରଣକାରୀ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ଭକ୍ତ କବି ମଧୁସୂଦନ ରାଓ

ଦିଗ୍‌ବଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ମଣିଷ ଦେଖେ ଅନନ୍ତ ପ୍ରକୃତିର ବୈଚିତ୍ର୍ୟ ସମ୍ଭାର । ସେହି ବୈଚିତ୍ର୍ୟ ସୌନ୍ଦର୍ଯ୍ୟ ମଧ୍ୟରେ ଦେଖେ ପରିବ□ନ । ତାହାର ଚି□ ପଟରେ ଫୁଟିଉଠେ ଅସଂଖ୍ୟ ଅନାବନା ଭାବନା । ଦିଗ୍‌ବଳୟର ପରିଧି ଅତିକ୍ରମ କରି ତାର କଳ୍ପନା ଛୁଟି ଯାଏ ଧରିତ୍ରୀରୁ ଆକାଶ । ସୃଷ୍ଟି ରହସ୍ୟର ପ୍ରତ୍ୟେକଟି ପାହାଚ ଅନ୍ୱେଷଣ ତାର ଭାବନାରେ । ଭାବନା ପାଲଟି ଯାଏ ଭାବ ଭକ୍ତିରେ ସେହି ଭକ୍ତି ଭାବନାର କବି ମଧୁସୂଦନ ରାଓ ୧୮୫୩ ମସିହା ଶ୍ରୀ ପ□ମୀ ଜାନୁଆରୀ ୨୯ ତାରିଖ ଦିନ ପୁରୀ କୁଣ୍ଢେଇବେ□ ସାହିର ଭାଗୀରଥି ରାଓ ଓ ଅମ୍ବିକା ବାଈଙ୍କ କୋଳମଣ୍ଡନ କରିଥିଲେ । ମଧୁସୂଦନ ଥିଲେ ମରହଟ୍ଟା ବଂଶଜ । ଇଂରେଜମାନେ ଆସିବା ପୂର୍ବରୁ ମରହଟ୍ଟାମାନେ କରୁଥିଲେ ରାଜୁତି । ସେହି ମରହଟ୍ଟମାନଙ୍କ ମଧ୍ୟରୁ ସଦାଶିବ ରାଓ ଆଉ ତାଙ୍କ ରାଜ୍ୟକୁ ନଫେରି ରହିଗଲେ ସବୁଦିନ ପାଇଁ ପୁରୀରେ । ସେ ଥିଲେ ମଧୁସୂଦନଙ୍କ ଅଜା । ପିତା ଭାଗୀରଥି ରାଓ ଓ ମାତା ଅମ୍ବିକା ବାଈ ଥିଲେ ଈଶ୍ୱର ବିଶ୍ୱାସୀ, ଧାର୍ମିକ ଓ ଆଦର୍ଶ ଦମ୍ପତି । ମଧୁସୂଦନ ତାଙ୍କ ଜନ୍ମ ତିଥିକୁ କବିତାରେ କୁହନ୍ତି –

"ମଧୁ ଜନ୍ମ ତିଥି ମଧୁମୟୀ ଶ୍ରୀପ□ମୀ
ଯାର ଆଗମନେ ଜାଣେ ଧରଣୀ ଉଲ୍ଲାସେ
ଶତ ପୁଷ୍ପ ବିକଶଇ ବିଶ୍ୱ ପ୍ରାଣ ରମି
ବହଇ ମଳୟ, ଗାଏ କୋକିଳ ଉଚ୍ଛ୍ୱାସେ"

ଭାଗୀରଥି ରାଓ ପାଠ ପଢିଥିଲେ ଅଳ୍ପ । ତେଣୁ ସେ ଗୋଟିଏ ପୁଲିସ୍ ଚାକିରି କରୁଥିଲେ । ଯାହା ଦରମା ପାଉଥିଲେ ସେଥିରେ ତାଙ୍କ ସଂସାର କଷ୍ଟେମଷ୍ଟେ ଚଳିଯାଉଥିଲା । ମଧୁସୂଦନଙ୍କର ଜନ୍ମ ହେବାର ଅଢେଇ ବର୍ଷ ପରେ ତାଙ୍କର ଗୋଟିଏ ସାନ ଭାଇ ହେଲା, ତାର ନାମ 'ଜଗନ୍ନାଥ' । ମଧୁସୂଦନଙ୍କୁ ପା□ ବର୍ଷ ସମୟରେ ମା ଅମ୍ବିକା ଦେବୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇ ଅନ୍ତୁଡିଶାଳରେ ଆଖି ବୁଜିଦେଲେ । ପରେ କନ୍ୟାଟିର ମୃତ୍ୟୁ ଘଟିଲା । ଅମ୍ବିକା ଦେବୀ ମରିବା ଆଗରୁ ସ୍ୱାମୀଙ୍କୁ ପାଖକୁ ଡାକି କହିଥିଲେ ପୁଅ ଦୁଇଟିଙ୍କୁ ମାମୁଁଙ୍କ ପାଖରେ ଛାଡିଦେଇ ଆସିବ । ମାମୁଁ ମାଇ ତାଙ୍କୁ ପାଳିବେ । ଭାଗୀରଥି ରାଓ ଜମାଦାର ଭାବରେ ପୁରୀ ଅଠରନଳାଠାରେ କାର୍ଯ୍ୟରେ ଯୋଗଦେଲେ । କିଛି ଦିନ ପରେ ତାଙ୍କର ଗୋପ ଥାନାକୁ ବଦଳି ହେଲା । ଦିନେ ତାଙ୍କ ସ୍ତ୍ରୀ ସ୍ୱପ୍ନରେ ଦେଖାଦେଇ କହିଲେ ମାମୁଁ ଘରେ ମା'ଛେଉଣ୍ଡ ପିଲା ଦୁଇଟି ବଡ ହୀନସ୍ତା ହେଉଛନ୍ତି । ତା ପରଦିନ ଭାଗୀରଥି ରାଓ ପିଲା ଦୁହିଁଙ୍କର ଅବସ୍ଥା ଦେଖି ସ୍ୱପ୍ନ କଥା ସତ ମଣିଲେ । ତେଣୁ ପିଲା ଦୁଇଟିଙ୍କୁ ଆଣି ନିଜ ପାଖରେ ରଖିଲେ । ମାତୃହରା ପିଲା ଦୁଇଟି ଭାଗୀରଥିଙ୍କ ଠାରୁ ପିତୃମାତୃ ସ୍ନେହ ଲାଭ କଲେ । ବର୍ତମାନ ଭାଗୀରଥି ହିଁ ହେଲେ ମା ଓ ବାପା । ସକାଳୁ ଅଫିସ୍ ସମୟ ଯାଏ ସେମାନେ ବାପାଙ୍କ ପାଖରେ ଘରେ ରୁହନ୍ତି । ବାପା ଥାନାକୁ ଗଲେ ସେମାନେ ମଧ୍ୟ ଥାନାକୁ ଆସନ୍ତି । ଥାନା ବାରଣ୍ଡାରେ ଜଗନ୍ନାଥଙ୍କୁ ଧରି ମଧୁସୂଦନ ଖେଳାନ୍ତି । ମଧୁସୂଦନ ଦାନ, ଧ୍ୟାନ, ଈଶ୍ୱର ଭକ୍ତି, ବିନୟ, ସତ୍ୟ, ଧୈର୍ଯ୍ୟ ଓ ସହିଷ୍ଣୁତା ଆଦି ଗୁଣରେ ପରିପୂର୍ଣ୍ଣ । ଗୋପ ଥାନାକୁ ଲାଗି ଗୋଟିଏ ଚାଟଶାଳୀ ଥାଏ । ପିଲା ଦୁଇଟି ସେହି ଚାଟଶାଳୀରେ ଅବଧାନଙ୍କ ପାଖରେ ପାଠ ପଢିଲେ । ମଧୁସୂଦନ ଜଣେ ଭଲ ଛାତ୍ର ହେବାର ଗୁଣ ପିଲାଦିନୁ ଜଣା ପଡିଥିଲା । ସେ ଲିଖନ, ପଠନ ସହିତ ସାହିତ୍ୟ ଓ ଅଙ୍କ ପ୍ରଭୃତ ପାଠ ପଢୁଥିଲେ । ଚାଟଶାଳୀ ପାଠ ଶେଷ ବେଳକୁ ଭାଗୀରଥି ବାବୁଙ୍କର ଗୋପ ଥାନାରୁ ଭୁବନେଶ୍ୱର ଥାନାକୁ ବଦଳି ହେଲା । ତେଣୁ ମଧୁସୂଦନ ସରକାରୀ ମାଇନର ସ୍କୁଲରେ ନାମ ଲେଖାଇ ପାଠ ପଢିଲେ । ବଙ୍ଗାଳୀମାନଙ୍କର ପ୍ରଭାବ ଯୋଗୁ ଓଡିଶାର ବିଦ୍ୟାଳୟମାନଙ୍କରେ ବଙ୍ଗଳା ଭାଷାରେ ପାଠ ପଢୁଥିଲେ । ଶ୍ରେଣୀରେ ସେ ପ୍ରତିବର୍ଷ ପ୍ରଥମ ସ୍ଥାନ ଅଧିକାର କରୁଥିଲେ । ମଧୁସୂଦନଙ୍କ ସରଳ ସୁନ୍ଦର ବ୍ୟବହାର ଓ ମଧୁର ବଚନରେ ସମସ୍ତେ ଅତି ଆପଣାର ହୋଇପଡୁଥିଲେ ।

ଓଡିଶାର ସ୍କୁଲ ବିଭାଗୀୟ ଇନ୍‌ସପେକ୍ଟର ଥିଲେ ଉଡ୍ରୋ ସାହେବ । ସେ ଖଣ୍ଡଗିରି ଦେଖିବା ପାଇଁ ଆସିଲେ । ଆସୁଛନ୍ତି ଯେତେବେଳେ ଭୁବନେଶ୍ୱର ସ୍କୁଲକୁ ମଧ୍ୟ ପରିଦର୍ଶନରେ ଗଲେ । ପାଠ ପଚରା ପଚରି ସମୟରେ ମଧୁସୂଦନଙ୍କର ସୁନ୍ଦର କତାବା□ ଓ ବିଦ୍ୟାଗୁଣର ଅନୁରାଗ ଦେଖି ଉଡ୍ରୋ ସାହେବ ପ୍ରୀତ ହୋଇଗଲେ । ତାଙ୍କର ରହିବା ପାଇଁ ମଧ୍ୟ ଭାଗୀରଥି ବାବୁଙ୍କ ଘରେ ବ୍ୟବସ୍ଥା ହୋଇଥିଲା । ତେଣୁ ସାହେବ ତାଙ୍କୁ କହିଥିଲେ ତୁମ ପୁଅ ଦିନେ ଓଡିଶାର ନାଁ ରଖିବ । ଇନ୍‌ସପେକ୍ଟର ସାହେବ ମଧୁସୂଦନଙ୍କୁ ବିନା ଦରମାରେ ପୁରୀ ଜିଲ୍ଲା ହାଇସ୍କୁଲରେ ପାଠପଢ଼ିବା ପାଇଁ ଏକ ସୁପାରିସ ପତ୍ର ଲେଖି ଦେଇଥିଲେ । ସେଥିପାଇଁ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପାଠ ପଢ଼ିପାରିଲେ । ସେ ପାଠପଢ଼ାରେ ଭଲ କରିବାରୁ ଗୋଟିଏ ବରଷରେ ଦୁଇ ଶ୍ରେଣୀ ଉପରକୁ ଉଠିଗଲେ । ପ୍ରଧାନଶିକ୍ଷକ ଜନ୍ ବକ୍‌ସଓୟେଲ ମେଧାବୀ ଚରିତ୍ରବାନ୍ ମଧୁସୂଦନଙ୍କୁ ଭାରି ଭଲ ପାଉଥିଲେ । ଗରିବ ପିଲା ହିସାବରେ ସେ ତାଙ୍କୁ ସାହାଯ୍ୟ କରୁଥିଲେ । ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ସ୍କୁଲ ପିଲାଙ୍କୁ ଅଧିକ ଉତ୍ସାହିତ କରିବାକୁ ପ୍ରତିବର୍ଷ ୨୦ ଟି ପ୍ରଶ୍ନ ଦେଉଥିଲେ । ପ୍ରତ୍ୟେକ ପ୍ରଶ୍ନକୁ ୫ ଟଙ୍କା ହିସାବରେ ୧୦୦ ଟଙ୍କା ପୁରସ୍କାର ଦିଆଯାଉଥିଲା । ମଧୁସୂଦନ ଲାଗ ଲାଗ ତିନିବର୍ଷ ଏହି ପୁରସ୍କାର ପାଇଁ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ । ମଧୁସୂଦନ ୧୧ ବର୍ଷ ବୟସରେ ପଦ୍ମାବାଈ ନାମକ ଜଣେ ନଅ ବର୍ଷ ବୟସର ବାଳିକାକୁ ବିବାହ କରିଥିଲେ । ୧୮୬୬ ମସିହା ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ନଅ ଅଙ୍କରେ ଦୁର୍ଭିକ୍ଷ ପଡିଥିବାରୁ ତାକୁ ନଅଙ୍କ ଦୁର୍ଭିକ୍ଷ କୁହାଗଲା । ଏଥିରେ ଓଡିଶାର କେତେ ଯେ ଲୋକ ମଲେ ତାର କଳନା ନାହିଁ । ଗାଁ ଗଣ୍ଡା ସବୁ ପଦା ହୋଇଗଲା । ସେତେବେଳେ ମଧୁସୂଦନ ଏକାଦଶ ଶ୍ରେଣୀର ଛାତ୍ର । ମଧୁସୂଦନ ସ୍ୱେଚ୍ଛା ସେବକ ଅନୁଷ୍ଠାନ ଗଠନ କରି ତାର ଦଳପତି ହେଲେ । ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହାୟତାରେ ଘରେ ଘରେ ଚୂଡ଼ା ଓ ଚାଉଳ ବା□ବାକୁ ଲାଗିଲେ । ମଧୁସୂଦନ ଗାଁ ଗାଁ ବୁଲି ଦୁଃଖୀରଙ୍କୀ ଭୋକୀ ଶୋଷୀଙ୍କ ସେବାରେ ମନ ପ୍ରାଣ ଢ଼ାଳିଦେଲେ । ଏହି ଦେଶ ସେବା ଯୋଗୁ ତାଙ୍କର ପଢ଼ାପଢ଼ିରେ ଅବହେଳା ଘଟିଲା । ସେ ମାଟ୍ରିକ୍ ପରୀକ୍ଷା ଦେଇପାରିଲେ ନାହିଁ । ଦ୍ୱିତୀୟ ଥର ମଧ୍ୟ ଦେହ ଖରାପ ଯୋଗୁ ପରୀକ୍ଷା ଦେଇପାରିଲେ ନାହିଁ ।

ପୁରୀ ଜିଲ୍ଲା ସ୍କୁଲରେ ରାଧାନାଥ ରାୟ ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ । ଏହିଠାରେ ମଧୁସୂଦନ ରାଧାନାଥଙ୍କ ସ୍ନେହ, ସହାନୁଭୂତି ଓ ସାହାଯ୍ୟ ପାଇ ଉନ୍ନତି ପଥରେ ଆଗେଇବାକୁ ଲାଗିଲେ । ରାଧାନାଥ ଓ ମଧୁସୂଦନ ସମ୍ପର୍କ ଥିଲା ମଣିକା□ନ ସଦୃଶ । ଦିନେ ମଧୁସୂଦନଙ୍କୁ ଜଣେ ଶିକ୍ଷକ ଗାଳି ଦେଇଥିବାରୁ ମଧୁସୂଦନ ଦୃଷ୍ଟ ବାଳକଙ୍କ ସହିତ ଟେକାପଥର ଧରି ବାଟରେ ଶିକ୍ଷକଙ୍କୁ ଅପେକ୍ଷା କରିଥିଲେ, କିନ୍ତୁ ସେହି ବାଟରେ ରାଧାନାଥ ଆସିଯିବାରୁ ମଧୁସୂଦନଙ୍କ ବୁଦ୍ଧି ସ୍ଫୁରିଲା ନାହିଁ । ମଧୁସୂଦନ ରାଧାନାଥଙ୍କ ଗୋଡତଳେ ପଡିଯାଇ ସବୁ ସତ କଥା କହି କ୍ଷମା ମାଗିଲେ । ରାଧାନାଥଙ୍କ ଆର୍ଶୀବାଦ ପାଇ ମଧୁସୂଦନ ଜଣେ ଭଲ ପିଲା ହେବାକୁ ଚେଷ୍ଟା କଲେ । ରାଧାନାଥଙ୍କ ଯତ୍ନ, ଉତ୍ସାହ ଓ ପରିଶ୍ରମରେ ମଧୁସୂଦନ ୧୮୬୯ ମସିହାରେ ଏ□ାନ୍ସ ପରୀକ୍ଷାରେ କୃତିତ୍ୱର ସହିତ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କଲେ । ତାଙ୍କୁ ମାସିକ ଦଶ ଟଙ୍କା ବୃ□ ମିଳିଲା । ତେଣୁ ସେ କଟକ ଆସି କଲେଜରେ ଏଫ.ଏ. ଶ୍ରେଣୀରେ ନାମ ଲେଖାଇଲେ । ତାଙ୍କ ସହ ତାଙ୍କର ସାନଭାଇ ଜଗନ୍ନାଥ ମଧ୍ୟ କଟକ ଆସି ପାଠପଢ଼ିଲେ । କଲେଜରେ ତାଙ୍କର ସହପାଠୀ ଆଚାର୍ଯ୍ୟ ପ୍ୟାରୀମୋହନ ଓ ବଳରାମ ଦାସ ଥିଲେ । ୧୮୭୧ ମସିହାରେ ସେ ଖ୍ୟାତି ସହ ଏଫ.ଏ ପରୀକ୍ଷାରେ ଉ□ୀର୍ଣ୍ଣ ହୋଇ ୨୦ ଟଙ୍କା ବୃ□ ପାଇଲେ । ସୁଦୂର କଳିକତା ଯାଇ ବି.ଏ. ପଢ଼ିବା ପାଇଁ ତାଙ୍କ ପିତାଙ୍କର ଇଚ୍ଛା ନଥିଲା । ତେଣୁ ତାଙ୍କ ପାଠପଢ଼ା ଏତିକିରେ ଡୋରି ବନ୍ଧାଗଲା । ପ୍ରାଚୀନ ଓଡିଆ ସାହିତ୍ୟ ବିଷୟରେ ଜ୍ଞାନ ଲାଭ କରିବା ପାଇଁ ସେ ପୁରୁଣା ତାଳପତ୍ର ପୋଥି ସବୁ ଆଣି ପଢ଼ିଲେ । କଠୋର ଅଧ୍ୟବସାୟ ବଳରେ କଠିନ ଶାସ୍ତ୍ରମାନ ସେ ଆୟ□ କରିପାରିଥିଲେ । ଛୁଆଁ ଅଛୁଆଁ, ଜାତି ଅଜାତି, ଉଚ୍ଚ ନୀଚ ଭେଦଭାବ ପ୍ରଭୃତି ଅନେକ ଅନ୍ଧବିଶ୍ୱାସ ଆମ ସମାଜକୁ କବଳିତ କରି ରଖିଥିଲା । କୁକୁରଟି ମଳତ୍ୟାଗ କଲେ ଆମେ ତା ସେବା କରୁ ଆମ କୋଳରେ ଶୁଆଉ ଥାଉ, କିନ୍ତୁ ମଣିଷକୁ ଘୃଣାକରୁ ଭାତୃତ୍ୱର ଦ୍ୱାହି ଦେଇ କଚେରୀରେ ଛିଡା ହେଉ । ନିଜର ମଣିଷପଣିଆକୁ ଭୁଲି ବିଶ୍ୱଭାତୃତ୍ୱକୁ କୁଠାରଘାତ କରୁ । ହିନ୍ଦୁ ସମାଜର କୁସଂସ୍କାର ପାଶ୍ଚାତ୍ୟ ଶିକ୍ଷା, ଖ୍ରୀଷ୍ଟଧର୍ମ ଓ ପାଦ୍ରିମାନଙ୍କର ପ୍ରଭାବରେ ମଧୁସୂଦନ ବ୍ୟତିବ୍ୟସ୍ତ ହୋଇ "ବ୍ରାହ୍ମଧର୍ମ" ଗ୍ରହଣ କରିଥିଲେ । ସେଥିପାଇଁ ତାଙ୍କୁ ସମାଜର ବିଦ୍ରୁପ, ଗାଳି ଓ ଯନ୍ତ୍ରଣା ସହିବାକୁ ପଡିଛି ।

ମଧୁସୂଦନ ପୁରୀ ଜିଲ୍ଲା ସ୍କୁଲରେ କିଛି ଦିନ ଶିକ୍ଷକତା କରିବା ପରେ ଯାଜପୁର ମାଇନର ସ୍କୁଲରେ ହେଡମାଷ୍ଟର ପଦବୀରେ ଯୋଗଦେଇ ମାସିକ ୪୫ ଟଙ୍କା ବେତନ ପାଇଲେ । ସେଠାରେ ପତ୍ନୀ ପଦ୍ମାବାଈ ସହିତ ବୈତରଣୀ ନଦୀରେ ସ୍ନାନ କରି ଭାବଭକ୍ତିରେ ଅତୀତ ଉତ୍କଳର ଗୁଣକୀ□ନ କରୁଥିଲେ । ଯାଜପୁର ଠାରେ ମଧୁସୂଦନଙ୍କର କବି ପ୍ରତିଭା ପ୍ରସ୍ଫୁଟିତ ହେଲା । ୧୮୭୩ ମସିହାରେ ମଧୁସୂତନ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ରୂପେ ଯୋଗଦେଲେ । ସେଠାରେ ତାଙ୍କର ବ୍ୟାସକବି ଫକୀର ମୋହନ ସେନାପତି, ବୈକୁଣ୍ଠନାଥ ଦେଓ



ଅକ୍ଷୟ କୁମାର ରାଉତ

ଓ ତାଙ୍କର ଗୁରୁଦେବ ରାଧାନାଥ ରାୟଙ୍କ ସହିତ ମିଳନ ହେଲା । ଏହା ଥିଲା ଓଡିଆ ସାହିତ୍ୟ ଇତିହାସର ଏକ ମଧୁର ମିଳନ ପର୍ବ । ବାଲେଶ୍ୱର ପାଲଟିଗଲା ଓଡିଆ ସାହିତ୍ୟର ତୀର୍ଥସ୍ଥଳୀ ପ୍ରୟାଗ । ଏହି ସାହିତ୍ୟିକ ମାନେ ମିଶି ମାସିକ ପତ୍ରିକା 'ଉତ୍କଳ ଦର୍ପଣ' ପ୍ରକାଶ କଲେ । ମଧୁସୂଦନ ଏହି ଠାରେ କେତୋଟି ପ୍ରବନ୍ଧ ଓ କବିତା ରଚନା କରିଥିଲେ । ସେଗୁଡିକ ମଧ୍ୟରୁ "ପ୍ରଣୟର ଅଦ୍ଭୁତ ପରିଣାମ", "ଚନ୍ଦ୍ର ତାରା ଗଳ୍ପ", "ଶାସନ ପ୍ରଣାଳୀ", "ସୂର୍ଯ୍ୟ ଉଲ୍‌କା ପିଣ୍ଡ", "ଆଗ୍ନେୟଗିରି", "ବୁଦ୍ଧଦେବ", "ଶ୍ମଶାନ", "ନିଶୀଥ ଚିନ୍ତା", "ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ", ଶରତ ପ୍ରଭାତ ଓ ସୀତା ବନବାସ ପ୍ରଭୃତି ଅନେକ ରଚନା ତାଙ୍କର ସୃଷ୍ଟି । ମଧୁସୂଦନ ପୁରସ୍କାର ପାଇଁ 'ପ୍ରବନ୍ଧମାଳା' ନାମକ ଗୋଟିଏ ବହି ଲେଖିଥିଲେ । ରାଧାନାଥ ଓ ମଧୁସୂଦନ ଦୁହେଁ ମିଶି 'କବିତାବଳୀ' ନାମକ ବହି ପ୍ରକାଶ କଲେ । ବାଲେଶ୍ୱରଠାରେ ତାଙ୍କର ପ୍ରଥମ କନ୍ୟା ବାସନ୍ତୀର ଜନ୍ମ । ସେ କଟକ କଲେଜିଏଟ୍ ସ୍କୁଲରେ ଅତିରିକ୍ତ ଶିକ୍ଷକ ଭାବେ ଯୋଗଦେବା ପରେ ତାଙ୍କର ଗୋଟିଏ ପୁତ୍ର ଜନ୍ମ ହେଲା ତାର ନାମ 'ଜୟନ୍ତ' । ୧୮୮୦ ମସିହାରେ ମଧୁସୂଦନ ଶିକ୍ଷା ବିଭାଗୀୟ ଡେପୁଟି ଇନ୍ସପେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଲେ । ଶିକ୍ଷକମାନଙ୍କୁ ପାଠ ପଢାଇବାରେ ସାହାଯ୍ୟ କରିବା ଲାଗି ସେ କେତେକ ବହି ମଧ୍ୟ ଲେଖିଥିଲେ । 'ଶିକ୍ଷାବନ୍ଧୁ' ନାମକ ଏକ ପତ୍ରିକା ମଧ୍ୟ ପ୍ରକାଶ କରିଥିଲେ । ବ□ମାନ କଲେଜିଏଟ୍ ସ୍କୁଲର ମୁଖପତ୍ରର ନାମ ଶିକ୍ଷାବନ୍ଧୁ ରହିଅଛି । ପ୍ରାଥମିକ ଶିକ୍ଷକମାନଙ୍କ ନିମନ୍ତେ ସେ 'ଶିକ୍ଷକ ସହଚର', 'ନିମ୍ନ ଶିକ୍ଷକ ବନ୍ଧୁ' ଓ 'ନିମ୍ନ ଶିକ୍ଷକ ସୁହୃଦ୍' ବୋଲି ତିନି ଖଣ୍ଡ ପୁସ୍ତକ ପ୍ରକାଶ କରିଥିଲେ । ଶିକ୍ଷକଙ୍କ ତାଲିମ ପାଇଁ ସେ ଏକ ଗୁରୁଟ୍ରେନିଂ ସ୍କୁଲ ବସାଇଥିଲେ । ୧୮୮୧ ମସିହାରେ 'ଛାନ୍ଦମାଳା' ପ୍ରଥମ ଖଣ୍ଡ ପ୍ରକାଶିତ କରିଥିଲେ । 'ବର୍ଣ୍ଣବୋଧ' ବହି ଖଣ୍ଡିକ ଲେଖି ସେ ସାରା ଓଡିଶାରେ ପରିଚିତ ।

ବାଲ୍ୟବନ୍ଧୁ ଆଚାର୍ଯ୍ୟ ପ୍ୟାରୀ ମୋହନଙ୍କ ମୃତ୍ୟୁ ମଧୁସୂଦନଙ୍କୁ ଖୁବ୍ ବାଧିଲା । ସେ ବହୁକାଳ ପର୍ଯ୍ୟନ୍ତ ଦାରୁଣ ଦୁଃଖରେ ଘା□ଚକଟି ହୋଇପଡିଲେ । ତାପରେ ତାଙ୍କର କଠିନ ଶୂଳ ରୋଗ ଆରମ୍ଭ ହୋଇଥିଲ । ସେ ଡେପୁଟି ଇନ୍‌ସପେକ୍ଟର ଚାକିରି ଛାଡି ଦେଇ କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଯୋଗଦେଲେ । କଲେଜ ପ୍ରିନ୍ସପାଲ୍‌ଙ୍କ ସହିତ ନୀତିଗତ ଅମେଳ ହେବାରୁ ସେ ପ୍ରଧାନ ଶିକ୍ଷକ ପଦ ଛାଡି ବାଲେଶ୍ୱରକୁ ଡେପୁଟି ଇନ୍‌ସପେକ୍ଟର ପଦରେ ବଦଳି ହେଲେ । ୧୮୯୩ ମସିହାରେ ମଧୁସୂଦନ କଟକ ଟ୍ରେନିଂ ସ୍କୁଲରେ ପ୍ରଧାନ ଶିକ୍ଷକ ରୂପେ ଯୋଗଦେଲେ । ଟ୍ରେନିଂ ସ୍କୁଲରେ ଭାବର ଆଦାନ ପ୍ରଦାନ ନିମନ୍ତେ ୧୮୯୪ ମସିହାରେ ଏକ ଆଲୋଚନା ସଭା ମଧୁସୂଦନ ଗଠନ କରିଥିଲେ । ତାହା ବଢ଼ିଯାଇ କ୍ରମେ 'ଉତ୍କଳ ସାହିତ୍ୟ ସମାଜ'ରେ ପରିଣତ ହୋଇଥିଲା । ତେଣୁ ତାଙ୍କ ନାମ ଉକ୍ତ ଅନୁଷ୍ଠାନ ସହିତ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ସେ ଛାତ୍ରମାନଙ୍କ ମଧ୍ୟରେ 'ଉତ୍କଳ ଯୁବକ ସଂଘ' ଗଢ଼ି ସେ ସୁନାମ କମାଇଥିଲେ । ବ୍ରାହ୍ମ ଉପାସନା ପାଇଁ ସେ କଟକ ଗଙ୍ଗା ମନ୍ଦିର ନିକଟରେ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ । ମଧୁସୂଦନଙ୍କ ପ୍ରଚେଷ୍ଟାରେ ଟାଉନ୍ ସ୍କୁଲ ନାମରେ ଗୋଟିଏ ମାଇନର ସ୍କୁଲ କଟକ ସହରରେ ପ୍ରତିଷ୍ଠା ହୋଇଥିଲା । ପର ଅବସ୍ଥାରେ ଉକ୍ତ ସ୍କୁଲଟି 'ଭିକ୍ଟୋରିଆ ହାଇସ୍କୁଲ'ରେ ନାମିତ ହେଲା । ଏବେ ସେ ସ୍କୁଲର ନାମ 'ଭକ୍ତ ମଧୁ ବିଦ୍ୟା ପୀଠ' । ତାଙ୍କର ପାରିବାରିକ ଜୀବନ ଅତି ମଧୁମୟ ଥିଲା । ୪ଟି କନ୍ୟା ଓ ୪ଟି ପୁତ୍ର ସନ୍ତାନ ମଧ୍ୟରୁ 'ପ୍ରଶାନ୍ତ' ନାମକ ପୁତ୍ରକୁ ସାନ ଭାଇ ଜଗନ୍ନାଥଙ୍କୁ ପୁଅ ଭାବେ ଟେକି ଦେଇଥିଲେ । କନ୍ୟା, ପୁତ୍ର, ସ୍ତ୍ରୀ ଓ ଭାଇ ଏକତ୍ର ରହି ଘରଟିକୁ ସେ ସ୍ୱର୍ଗ ପରି ମଣୁଥିଲେ, ସେଥିପାଇଁ ସେ 'ପରିବାର' ପଦ୍ୟରେ ଲେଖିଛନ୍ତି :-

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।"

ଗୃହର ଶାନ୍ତି ଦେଖି ଫକୀର ମୋହନ ତାଙ୍କ ଗୃହକୁ କହୁଥିଲେ ମହର୍ଷି ଆଶ୍ରମ, ମଧୁସୂଦନ ନିଜେ ମହାରଷି । ଈଶ୍ୱରଙ୍କ ପରମ ସ□ା ଅନୁଭବକରି ସେ ଭକ୍ତି ଭାବରେ ବହୁତ କବିତା ରଚନା କରିଛନ୍ତି । ତେଣୁ ତାଙ୍କୁ ଆଧୁନିକ ଓଡିଆ ସାହିତ୍ୟରେ 'ଭକ୍ତ କବି' ବୋଲି କୁହାଯାଏ । ଇଂରେଜ ସରକାର ତାଙ୍କ ୧୯୦୭ ମସିହାରେ "ରାୟବାହାଦୂର" ପଦ ପ୍ରଦାନ କରିଥିଲେ । ୧୯୦୯ ମସିହାରେ ତାଙ୍କ ପିତା ଭାଗୀରଥି ରାଓ ହରିନାମ ଗାଇ ଗାଇ ଆଖି ବୁଜିଦେଲେ । ପିତୃ ବିୟୋଗ ଦୁଃଖ ମଧୁସୂଦନଙ୍କୁ ଦାରୁଣ କଷ୍ଟ ଦେଇଥିଲା । ଛାନ୍ଦମାଳା ୨ୟ ଖଣ୍ଡ ତାଙ୍କ ପିତୃଦେବଙ୍କ ପାଦପଦ୍ମରେ ସେ ଉତ୍ସର୍ଗ କରିଥିଲେ । 'କୁସୁମାଞ୍ଜଳି' ମଧୁସୂଦନଙ୍କ ଶ୍ରେଷ୍ଠ କବିତା ସ□ୟନ । ୧୯୧୨ ମସିହା ଡିସେମ୍ବର ୨୮ ତାରିଖରେ ସେ ଇହଧାମ ତ୍ୟାଗ କଲେ । ମଧୁସୂଦନଙ୍କ ସରଳତା, ସାଧୁତା, ସହନଶୀଳତା, ସାହାଯ୍ୟ, ସତ୍ୟ କଥନ ଓ ଭ୍ରାନ୍ତି ଭାବ ଆଧୁନିକ ଓଡିଆ ସାହିତ୍ୟରେ ବିରଳ । ତାଙ୍କର ମାନବଧର୍ମ ଓ ସଂସ୍କାର ବାଦର ଗାରିମାମୟ ମୌଳିକ କବି ପ୍ରତିଭା ତାଙ୍କୁ ଚିରଦିନ ପାଇଁ ଅମର କରିରଖିବ । ସେଥିପାଇଁ ପଲ୍ଲୀକବି ନନ୍ଦକିଶୋର ଲେଖିଛନ୍ତି–

"ଯାବତ ଜୀବନ ଆଦର୍ଶ ସ୍ୱରୂପେ
ବିରାଜ ମୋ ପ୍ରାଣେ ସନ୍ତତ
ହେ ଦେବ ! ଉତ୍କଳର ଇତିହାସରେ
ଶ୍ରୀ ମଧୁସୂଦନ ଭକ୍ତକବି ନାମ
ରହିଲା ସୁବର୍ଣ୍ଣ ଅକ୍ଷରେ"

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ.ନଂ.-୯୯୩୭୬୯୧୪୭୫

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Tuesday September 30 | ଭୁବନେଶ୍ୱର ମଙ୍ଗଳବାର, ୩୦, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ପଣ୍ଡିତ ଦୀନଦୟାଲ ଜୟନ୍ତୀ ସମାରୋହ



ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୁଲ୍ୟରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କର ୧୧୦ତମ ଜନ୍ମଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଟ୍ରଷ୍ଟି ଶ୍ରୀ ସନାତନ ସାହୁ ସଭାପତିତ୍ୱ କରିଥିଲେ। ଶ୍ରୀ ଭୁବନାନନ୍ଦ ତ୍ରିପାଠୀ ମୁଖ୍ୟବକ୍ତା ଏବଂ ଶ୍ରୀ ପାଣ୍ଡବ ଚରଣ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହା ବ୍ୟତୀତ ଶ୍ରୀ ପବିତ୍ର ମୋହନ ଦାଶ, ଶ୍ରୀ ଶିବନାରାୟଣ ମିଶ୍ର ଏବଂ ଡାକ୍ତର କୈଳାଶ ଚନ୍ଦ୍ର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ସଭାରେ ବ୍ୟକ୍ତାମାନେ ପଣ୍ଡିତଜୀଙ୍କର ଜୀବନଦର୍ଶନ ବିଶେଷଭାବେ ଏକାତ୍ମମାନେ ଦର୍ଶନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଆଜି ଦିନରେ ପଣ୍ଡିତ ଦୀନଦୟାଲଙ୍କ ଦର୍ଶନକୁ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟରେ ରୂପାନ୍ତରିତ କରୁଛନ୍ତି ବୋଲି ଚର୍ଚ୍ଚା କରାଗଲା । ଏହା ଭିତରେ 'ଅନ୍ତ୍ୟୋଦୟ' ବିଚାର ରହିଛି । କାର୍ଯ୍ୟକ୍ରମ ଭିତରେ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠାନର ପରିଚ୍ଛଳନା ଟ୍ରଷ୍ଟି ଡା. ଅଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଉପସ୍ଥିତ ସମସ୍ତଙ୍କୁ ମଧାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା।

## ମୋଦୀ ଅରଣ୍ୟ ବାଟିକାରେ ବୃକ୍ଷ ରୋପଣ କଲେ ସାଂସଦ ପ୍ରଦୀପ ପାଣିଗ୍ରାହୀ



ବାଲିଅନ୍ତା ,(ପି.ଏନ) : ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଅଧୀନସ୍ଥ ସୁଦର୍ଶନ ଦାରୁ ପୀଠରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀ ନାମରେ ନାମିତ 'ମୋଦି ଅରଣ୍ୟ ବାଟିକା' ରେ ରବିବାର ଦିନ ଜୟଦେବ ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ସାମାଜିକ ଓ ପରିବେଶଭିତିକ ସ୍ୱ ?ଚ୍ଛାସେବୀ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ମୁଖ୍ୟ ଟ୍ରଷ୍ଟି ଦୀନବନ୍ଧୁ ଭୋଇଙ୍କ ନେତୃତ୍ୱରେ କିଛି ଫଳ ଗଛ ରୋପଣ କରାଯାଇଥିଲା । ମୋଦୀଜୀଙ୍କ ୭୫ତମ ଜନ୍ମଦିନ ଅବସରରେ ନୂତନ ଭାବରେ ସୃଷ୍ଟି କରାଯାଇଥିବା ବାଟିକାରେ ୪୦ ପ୍ରକାରର ଫଳ ଗଛ ସହିତ ଔଷଧ ବୃକ୍ଷ ରୋପଣ କରାଯାଇ ଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବେ ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ, ବରିଷ୍ଠ ହୋମିଓପାଥି ପକ୍ଷାଘାତ ଚିକିତ୍ସକ ନେତ୍ରାନନ୍ଦ ଭୋଇ, ସରପଞ୍ଚ ରମାଲତା ନାୟକ, ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର , ଯୁବସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି ପ୍ରିୟବ୍ରତ ପାତ୍ର ଓ ଉମାକାନ୍ତ ବେହେରାଙ୍କ ସହିତ ଅଞ୍ଚଳବାସୀ ଯୋଗଦେଇ ବୃକ୍ଷରୋପଣ କରାଯାଇଥିଲା । ସାଂସଦ ପ୍ରଥମେ ହୀରାପୁର ମହାମାୟା ଚଉଷଠି ତନ୍ତ୍ରପୀଠ ରେ ମାଙ୍କୁ ଦର୍ଶନ କରିବା ସହିତ ପୂଜା ଅର୍ଚ୍ଚନା କରିଥିଲେ । ପରେ ଜସୁଆପୁର୍ ନୃସିଂହ ନାଥ ମନ୍ଦିର ଦର୍ଶନ କରି ଶେଷରେ ସୁଦର୍ଶନ ଦାରୁ ଠାକୁର ମନ୍ଦିର ପରିଭ୍ରମଣ କରି ବୃକ୍ଷ ରୋପଣ କରିଥିଲେ ।

## ରାଜ୍ୟ ସଂସ୍କୃତି ବିଭାଗର ନିଷ୍ପତି : ଦକ୍ଷିଣ ଓଡ଼ିଶାର ୧୪ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାନ ପାଇବ, ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ବ୍ରହ୍ମପୁର,(ପି.ଏନ): ପୂଜ୍ୟପୂଜା ପରମ୍ପରାକୁ ଆଉ ଟିକେ ଆଗକୁ ନିଆଯିବ। ଓଡ଼ିଶାର ଆଉ କିଛି ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସାର୍ବଜନୀନ ସ୍ଥାନରେ ପ୍ରତିଷ୍ଠା କରାଯିବ। ଫଳରେ ଉତ୍ତରପିଢ଼ି ଆମ ବରପୁତ୍ରମାନଙ୍କୁ ନେଇ ଅଧିକ ସଚେତନ ହେବେ। ଏନେଇ ଅଣ୍ଟା ଭିଡ଼ିଛି ଓଡ଼ିଆ। ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ। ଓଡ଼ିଶାରେ ଜାତୀୟ ଓ ରାଜ୍ୟସ୍ତରୀୟ ବରପୁତ୍ରଙ୍କ ୭୫ଟି ନୂତନ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ କରିବା ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଛି। ପ୍ରାୟ ୧୪ କୋଟି ଟଙ୍କାର ବ୍ୟୟରେ ଓଡ଼ିଶାରେ ଏହିସବୁ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ନିମନ୍ତେ ସରକାରଙ୍କ ତରଫରୁ ନିଷ୍ପତି ନିଆଯାଇଛି। ଏଥିସହ ଏହି ସମସ୍ତ କାର୍ଯ୍ୟ ୨୦୨୬ ମସିହା ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଗଞ୍ଜାମ ଜିଲ୍ଲାରେ ଦିବାକର ପଟ୍ଟନାୟକ, ଉପେନ୍ଦ୍ର ଭଞ୍ଜ, ବଳଦେବ ରଥ, ଜୟମଙ୍ଗଳ ରଥ, ସନ୍ଥ ଅରକ୍ଷିତ ଦାସ, ପଦ୍ମଶ୍ରୀ ଭଗବାନ ସାହୁ, ହରିହର ମର୍ଦ୍ଦରାଜ, ଚକରା ବିଷୋୟୀ, ସହିଦ ଭଗତ ସିଂ, ଶଶୀ ଭୂଷଣ ରଥ, କୋରାପୁଟ ଜିଲ୍ଲାରେ ଶ୍ୟାମା ପ୍ରସାଦ ମୁଖାର୍ଜୀ, କଳାହାଣ୍ଡି ଜିଲ୍ଲାରେ ରେଣ୍ଡୋ ମାଝୀ, ସୋନପୁର ଜିଲ୍ଲାରେ ଭୀମଭୋଇ ଏବଂ ରାୟଗଡ଼ା ଜିଲ୍ଲାରେ ସହିଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ କରିବା ନିମନ୍ତେ ନିଷ୍ପତି ନିଆଯାଇଛି। ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଆବାହକ ରବି ରଥ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି। କୋଦଳା ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ନେତା ବନମାଳି ମହାରଣାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଉକ୍ତ ତାଲିକାରେ ସ୍ଥାନିତ କରିବା ପାଇଁ ଶ୍ରୀ ରଥ ମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ରଥ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ଓ ବିନାୟକ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଭୁବନେଶ୍ୱର ଠାରେ କରାଯିବା ସହିତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଅନ୍ୟ ମୁଖ୍ୟମନ୍ତ୍ରୀଙ୍କ ଭଳି ଏହି ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସ୍ମୃତି ଚାରଣ କରାଯିବାକୁ ଅନୁରୋଧ କରିଛନ୍ତି ।

## ଗଜପତିରେ ବିନା ଜିଏସଟିରେ ସୁନା କାରବାରକୁ ନେଇ ପୋଲିସର ପର୍ଦ୍ଦାଫାଶ

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲାରେ ବିନା ଜିଏସଟିରେ ସୁନା କାରବାର ଚାଲୁଥିବା ସ୍ପଷ୍ଟ ହୋଇଛି. ଏହାଦ୍ୱାରା ସରକାରଙ୍କୁ ଜିଏସଟି ବାବଦୀୟ ରାଜସ୍ୱ କ୍ଷତି ହୋଇଛି. ପାରଳାଖେମୁଣ୍ଡି ପୁଲିସ ଏଭଳି ଏକ ଘଟଣାକୁ ଲୋକଲୋଚନକୁ ଆଣି ପାରିଛନ୍ତି. ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ଏଭଳି କାରନାମା ଯୋଗୁଁ ଏକ ଲକ୍ଷ ୬୨ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ପାରଳାଖେମୁଣ୍ଡି ଆଇଆଇସି ସୂଚନା ପ୍ରଦାନ କରି ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ଜଣାଇଛନ୍ତିଯେ ନୈନିକ ବଜାର ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଏସ୍ ?ଆଇ ପି.ବି. ସ୍ୱାଇଁ ଜଣେ ବ୍ୟକ୍ତି ବଜାର ଛକ ଠାରେ ସନ୍ଦେହଜନକ ଭାବେ ଏକ ବ୍ୟାଗ ଧରି ଥିବା ଏକ ଲଜ୍ ?କୁ ଯାଉଥିବା ଦେଖି ତଦନ୍ତ ଆରମ୍ଭ କରିଥିଲେ ଓ ଏହି ବ୍ୟକ୍ତି ଜଣକ କଟକ ସହରର ଚାନ୍ଦିନୀ ଚୌକ୍ ଅଞ୍ଚଳର ବାସୁଦେବ କର୍ମକାର ବୋଲି ପରିଚୟ ଦେଇଥିଲେ । ସେ ନିଜକୁ ଜଣେ ସୁନା ଏବଂ ରୂପା ବ୍ୟବସାୟୀ ବୋଲି କହିଥିଲେ ଓ ଶ୍ରୀ କର୍ମକାର କୋଲକାତା ଓ କଟକରୁ ସୁନା ରୂପା ଅଳଙ୍କାର ଆଣି ପାରଳାଖେମୁଣ୍ଡି ସହରର କିଛି ସୁନା ଦୋକାନକୁ ଯୋଗାଉଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣି ପାରିଥିଲା । ସେ ତାଙ୍କ ପାଖରେ ଥିବା ଅଳଙ୍କାରର ପରିବହନ କିମ୍ବା ବ୍ୟବସାୟିକ କାରବାରକୁ ପ୍ରମାଣିତ କରିପାରିନଥିଲେ। ଏପରିକି କୌଣସି କାଗଜ ପତ୍ର, ବିଲ୍, ଇନଭଏସ୍ କିମ୍ବା ଜିଏସଟି ଆଦି ନଥିଲା ଓ ତାଙ୍କ ହ୍ୟାଣ୍ଡବ୍ୟାଗରୁ ମୋଟ ୬୬.୪୦୦ ଗ୍ରାମ ସୁନା ଅଳଙ୍କାରକୁ ପୋଲିସ ଉଦ୍ଧାର କରିଥିଲେ. ଉକ୍ତ ସୁନା ଅଳଙ୍କାରକୁ ଜବତ କରାଯାଇଥିଲା ଏବଂ ଶ୍ରୀ କର୍ମକାରଙ୍କୁ ଅଧିକ ଯାଞ୍ଚ ଏବଂ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାକୁ ଅଣା ଯାଇଥିଲା। ଉକ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପର ସନ୍ଦେହଜନକ ଏବଂ ଆବଶ୍ୟକ ବ୍ୟବସାୟିକ କାଗଜପତ୍ର ନ ଥିବାରୁ ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୁପତି ଜିଏସଟି ବିଭାଗକୁ ଯୋଗାଯୋଗ କରିଥିଲେ. ପରେ ବ୍ରହ୍ମପୁରର ଜିଏସଟିର ଏନଫୋର୍ସମେଣ୍ଟ୍ ୟୁନିଟ ପହଞ୍ଚି ୧ଲକ୍ଷ ୬୨ ହଜାର ଟଙ୍କା ଜରିମାନା ଆଦାୟ କରିଥିଲା ଓ ପାରଳାଖେମୁଣ୍ଡିର କିଛି ଅସାଧୁ ସୁନା ବ୍ୟବସାୟୀ ଜିଏସଟି ଫାଙ୍କିବା ସହ ଗ୍ରାହକଙ୍କ ହଜାର ହଜାର ଟଙ୍କା ଠକି ନେଉଥିବା ସ୍ପଷ୍ଟ ହୋଇଛି।
























Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray